ସକାଳ THE SAKALA

ରାଉରକେଲା

www.sakalaepaper.com

# ବଣାଇଁର ୬ କେନ୍ଦ୍ରରେ ହେବ ମାଟ୍ରିକ ପରୀକ୍ଷା

**ବଣାଇଁ, ୧୯ ।୨(ସମିସ):** ମଙ୍ଗଳବାରଠାରୁ ସମଗ୍ର ରାଜ୍ୟରେ ଆରମ୍ଭ ହେବ ମାଟ୍ରିକ ପରୀକ୍ଷା। ଏଥିପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀମାନେ ମଧ୍ୟ ପରୀକ୍ଷା ଦେବାକୁ ପ୍ରସ୍ତୁତି ଶେଷ କରିଛନ୍ତି। ଚଳିତ ବର୍ଷ ବଣାଇ ବ୍ଲକର ୧୨୩୩ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ବୋର୍ଡ ପକ୍ଷରୁ ବଣାଇ ରାଜା ଧରଣୀଧର ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ, ବଡ଼ ଗୋଗୁଆ, କେନାଭେଟା, ସ.ବଲାଙ୍ଗ, ବଇଦପାଲି ବିଦ୍ୟାଳୟରେ ୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ରାଜା ଧରଣୀଧର ହାଇସ୍କୁଲରେ ନୋଡାଲ ସେଣ୍ଟର କରାଯାଇଛି। ଏହି ସ୍କୁଲରେ କଡ଼ା ସୁରକ୍ଷା ବ୍ୟବସ୍ଥାରେ ଷ୍ଟ୍ରଙ୍ଗ ରୁମରେ ପ୍ରଶ୍ନପତ୍ର ରଖାଯାଇଛି। ମଙ୍ଗଳବାର ସକାଳେ ଏହା ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ପଠାଯିବ। ପରୀକ୍ଷା ସୁଚାରୁରୂପେ କରିବା ପାଇଁ ରାଜା ଧରଣୀଧର ହାଇସ୍କୁଲରେ ସୋମବାର ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଶିକ୍ଷକମାନଙ୍କୁ ପରୀକ୍ଷା ପରିଚାଳନା ପାଇଁ ଆବଶ୍ୟକୀୟ ପ୍ରଶିକ୍ଷଣ ଦିଆଯାଇଛି। ଏଥର ପ୍ରଥମ ଥର ପାଇଁ ସମସ୍ତ ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ନିଯୁକ୍ତ ରହିବେ। ପ୍ରଶ୍ନପତ୍ର ଆସିବାଠାରୁ ପରୀକ୍ଷା ସରି ଉତ୍ତରଖାତା ଯିବା ପର୍ଯ୍ୟନ୍ତ ସେମାନେ ଟିକିନିଖି ତଦାରଖ କରିବେ। ବିଇଓ, ପ୍ରଧାନଶିକ୍ଷକ ଓ ପ୍ରଧାନଶିକ୍ଷୟିତ୍ରୀଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ ରହିବ। କେବଳ ସେଣ୍ଟର ସୁପରିନଟେଣ୍ଡେଣ୍ଟଙ୍କ ବ୍ୟତୀତ ପରୀକ୍ଷା ସମୟରେ ଅନ୍ୟ କେହି ବି ପରୀକ୍ଷା କେନ୍ଦ୍ରକୁ ମୋବାଇଲ୍ ନେଇପାରିବେ ନାହିଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

# ତହସିଲ ଅଫିସ ସମ୍ମୁଖରେ ରାଜସ୍ୱ ନିରୀକ୍ଷକଙ୍କ ଧାରଣା

**ରାଜଗାଙ୍ଗପୁର, ୧୯ ।୨(ସମିସ):** ୬ ଦଫା ଦାବି ନେଇ ସୁନ୍ଦରଗଡ ଜିଲ୍ଲା ରାଜଗାଙ୍ଗପୁର ତହସିଲ ଅଫିସ ସମ୍ମୁଖରେ ଓଡ଼ିଶା ରାଜ୍ୟ ରାଜସ୍ୱ ଅଧିକାରୀ ସଂଘ ପକ୍ଷରୁ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ତହସିଲର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସୁପରଭାଇଜର ଏଥିରେ ସାମିଲ ହୋଇଥିଲେ। ଓଡିଆରଏସ ନିୟମ ୧୯୮୩ରେ ଆବଶ୍ୟକ ସଂଶୋଧନ ମାଧ୍ୟମରେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ, ସହକାରୀ ରାଜସ୍ୱ ନିରୀକ୍ଷକଙ୍କ ବେତନ ସଂରଚନାରେ ପରବର୍ତ୍ତୀ ସ୍ତରକୁ (୮) ସେଲ ୧ ଏବଂ ୯୦ ପ୍ରତିଶତ ରାଜସ୍ୱ ନିରୀକ୍ଷକ ପଦୋନ୍ନତି ପୋଷ୍ଟ ସ୍ଥିର, ରାଜସ୍ୱ ସୁପରଭାଇଜର ପଦର ଅତିରିକ୍ତ ତହସିଲଦାରକୁ ପରିବର୍ତ୍ତନ କରାଯାଇ ତଦନୁସାରେ ରାଜସ୍ୱ ମଣ୍ଡଳରେ ତହସିଲଗୁଡ଼ିକରେ ନିଯୁକ୍ତି, ଓଏଏସ ପାଇଁ ୨୫ ପ୍ରତିଶତ ଯୋଗ୍ୟ ରାଜସ୍ୱ ସୁପରଭାଇଜର ପ୍ରସ୍ତାବିତ ଅତିରିକ୍ତ ତହସିଲଦାର ସେବା କାର୍ଯ୍ୟ ଓ ଅଭିଜ୍ଞଙ୍କ ପାଇଁ ସଂରକ୍ଷିତ ରଖିବା ଇତ୍ୟାଦି ଦାବି ରହିଛି। ଧାରଣାରେ ରାଜଗାଙ୍ଗପୁର ରାଜସ୍ୱ ନିରୀକ୍ଷକ ରିଙ୍କେଶ ମହାନ୍ତି, ମାଲିଡିହି ରାଜସ୍ୱ ନିରୀକ୍ଷିକା ରଞ୍ଜିତା ଲାକ୍ରା, ବିଷ୍ଣୁ ପୃଷେଠ, ପ୍ରଦୀପ କିଶାନ, ବିଭୂତି ନାୟକ, ଆଲୋକ କୁମାର ଅଡ୍ଡା, ରଶ୍ମି ସାହୁ, ରେଶ୍ମା ଓରାମ, ଶିଶିର ବେହେରା, ଭିମା ମାଝୀ ପ୍ରମୁଖ ସାମିଲ ହୋଇଥିଲେ।

# ଆଥଲେଟ୍ ଲୁକାସ ପ୍ରକାଶ ମିଞ୍ଜ ଆଉ ନାହାନ୍ତି

**ରାଉରକେଲା, ୧୯ ।୨(ସମିସ):** ସତୁରୀ ଦଶକରେ ଆଥଲେଟିକ୍ସରେ ରାଜ୍ୟ ଚାମ୍ପିଅନ ତଥା ଆନ୍ତଃ ଇସ୍ପାତ ମେଡାଲ ବିଜେତା ଲୁକାସ ପ୍ରକାଶ ମିଞ୍ଜ ଆଉ ନାହାନ୍ତି। ହମିରପୁରସ୍ଥିତ ନିଜ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି।



ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ୧୯୬୯ରୁ ୧୯୭୨ ମଧ୍ୟରେ ଦୌଡ଼ ପ୍ରତିଯୋଗିତାରେ ସେ ରାଜ୍ୟରେ ଚାମ୍ପିଅନ ହୋଇଥିଲେ। ପରେ ଏହାକୁ ଆଧାର କରି ଖେଳ ପ୍ରତିଭା ଭାବେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ରେ ସେ ଚାକିରି ପାଇଥିଲେ। ଇସ୍ପାତ କାରଖାନାରେ ଚାକିରି କରିବା ସମୟରେ ମଧ ସେ ତାଙ୍କ ଦୌଡ଼କୁ ଅବ୍ୟାହତ ରଖିଥିଲେ। ୧୯୭୨ରୁ ୧୯୮୦ ମଧ୍ୟରେ ଅନୁଷ୍ଠିତ ଇଣ୍ଟର ଷ୍ଟିଲ ଆଥଲେଟିକ୍ ମିଟରେ ସେ ମେଡାଲ ବିଜେତା ହୋଇଥିଲେ। ଗତ କିଛିଦିନ ଧରି ସେ ଅସୁସ୍ଥ ରହି ଘରେ ଶଯ୍ୟାଶାୟୀ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଚନ୍ଦ୍ରଶେଖର କ୍ରୀଡ଼ା ସଂଗଠନ ସମ୍ପାଦକ ଦେବଦତ୍ତ ଜେନା ଗଭୀର ଶୋକ ବ୍ୟକ୍ତ କରିବା ସହ ଆତ୍ମାର ସଦଗତି କାମନା କରିଛନ୍ତି। ଅନ୍ୟ ବରିଷ୍ଠ ଆଥଲେଟମାନଙ୍କ ମଧ୍ୟରେ ଇଗ୍ନେସ ଏକ୍କା, ତେଜକୁମାର ତିର୍କୀ, ବଳରାମ ମାଝୀ, ବୀରେନ ମହନ୍ତ, ସଞ୍ଜୟ ବେହେରା, ଅଭିରାମ ମହାନ୍ତି ଓ ପଞ୍ଚାନନ ଗନ୍ତାୟତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

**ଆଜିଠୁ ମାଟ୍ରିକ ପରୀକ୍ଷା**

# ୧୧୭ କେନ୍ଦ୍ରରେ ପରୀକ୍ଷାଦେବେ ୨୪,୬୮୭ ଛାତ୍ରଛାତ୍ରୀ

**ରାଉରକେଲା, ୧୯ ।୨(ସମିସ)**

ରାତି ପାହିଲେ ଅର୍ଥାତ୍ ମଙ୍ଗଳବାରଠାରୁ ଆରମ୍ଭ ହେବ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା। ଏହି ପରୀକ୍ଷା ମାର୍ଚ୍ଚ ୪ରେ ଶେଷ ହେବ। ପ୍ରଥମ ଦିନ ସାହିତ୍ୟ ଓ ଶେଷ ଦିନ ସାମାଜିକ ବିଜ୍ଞାନ ବିଷୟ ରହିଛି। ସୁନ୍ଦରଗଡ଼ ଜିଲ୍ଲାର ମୋଟ ୧୧୭ ପରୀକ୍ଷା କେନ୍ଦ୍ରରେ ୪୦୫ ସ୍କୁଲର ୨୪,୬୮୭ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି। ସେମାନଙ୍କ ମଧ୍ୟରେ ୨୪, ୬୩୦ ଜଣ ରେଗୁଲାର ଏବଂ ୫୭ ଜଣ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀ ଅଛନ୍ତି। ଜିଲ୍ଲାରେ ମୋଟ ୨୦ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ ରଖାଯାଇଛି। ତନ୍ମଧ୍ୟରେ ରାଉରକେଲାରେ ୨୦ଟି ପରୀକ୍ଷା କେନ୍ଦ୍ରରେ ୭୦ ସ୍କୁଲର ୫୧୭୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ରାଉରକେଲା ମହାନଗର ନିଗମ ଏବଂ ବିଶ୍ରା ବ୍ଲକକୁ ଛାଡ଼ିଦେଲେ ବୀରମିତ୍ରପୁର ମ୍ୟୁନିସିପାଲିଟି ଏବଂ କୁଆଁରମୁଣ୍ଡା ବ୍ଲକରେ ୨ଟି ନୋଡାଲ ସେଣ୍ଟର ଖୋଲାଯାଇଛି। ଏଠାରେ ୧୨ ପରୀକ୍ଷା କେନ୍ଦ୍ରରେ ୨୯ ସ୍କୁଲର ୨୧୯୭ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ଟାଙ୍ଗରପାଲି ବ୍ଲକର ୫ କେନ୍ଦ୍ରରେ ୧୬ ସ୍କୁଲର ୭୯୩ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମ ପୂରଣ କରିଛନ୍ତି।

ଜିଲ୍ଲାରେ ମୋଟ ୨୦ ନୋଡାଲ ସେଣ୍ଟରେ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି। ରାଉରକେଲା ସହରର ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ, ସେକ୍ଟର-୨୦ ଏନ୍‌ଏସି (ଏସଟି) ଉଚ୍ଚ ବିଦ୍ୟାଳୟ ଓ ସେକ୍ଟର-୧୮ ବିବେକାନନ୍ଦ ବିଦ୍ୟାମନ୍ଦିରରେ ତିନିଟି ନୋଡାଲ ସେଣ୍ଟର କରାଯାଇଛି। ସେହିପରି ଜିଲ୍ଲାର ଅନ୍ୟ ୧୭ ନୋଡାଲ ସେଣ୍ଟରଗୁଡ଼ିକ ହେଲା ହେମଗିରି ବ୍ଲକ ହେମଗିରି ଉଚ୍ଚ ବିଦ୍ୟାଳୟ, ଲେଫ୍ରିପଡ଼ା ବ୍ଲକ ଜୟରାମ ଉଚ୍ଚ ବିଦ୍ୟାଳୟ, ଟାଙ୍ଗରପାଲି ବ୍ଲକ ଟିପିଏସ୍ ଉଚ୍ଚ ବିଦ୍ୟାଳୟ (ବନ୍ଧପାଲି), ସୁନ୍ଦରଗଡ଼ ସଦର ମହକୁମା ପାଇଁ ବିଏସ୍ ଉଚ୍ଚ ବିଦ୍ୟାଳୟ, ସବଡେଗା ବ୍ଲକ ଉପେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ବାଲିଶଙ୍କରା ବ୍ଲକ ବାଲିଶଙ୍କରା ଉଚ୍ଚ ବିଦ୍ୟାଳୟ, ବଡ଼ଗାଁ ବ୍ଲକ ହାଇସ୍କୁଲ, କୁତ୍ରା ବ୍ଲକ ହାଇସ୍କୁଲ, ରାଜଗାଙ୍ଗପୁର ବ୍ଲକ ରାଷ୍ଟ୍ରୀୟ ବିଦ୍ୟାଳୟ, କୁଆଁରମୁଣ୍ଡା ବ୍ଲକ ହରିହର ଉଚ୍ଚ ବିଦ୍ୟାଳୟ, ବୀରମିତ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ନୂଆଗାଁ ବ୍ଲକ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ, ବଣାଇଁ ବ୍ଲକ ବଣାଇଁ ଆର୍‌ଡିଡି ଉଚ୍ଚ ବିଦ୍ୟାଳୟ, ଲହୁଣୀପଡ଼ା ବ୍ଲକ ଲହୁଣୀପଡ଼ା ଉଚ୍ଚ ବିଦ୍ୟାଳୟ, ଗୁରୁଣ୍ଡିଆ ବ୍ଲକ ଗୁରୁଣ୍ଡିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, କୋଇଡ଼ା ବ୍ଲକ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ଓ ଗୋପନା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ। ତେବେ କେବଳ ସବଡେଗା ବ୍ଲକ ଉପେନ୍ଦ୍ର ହାଇସ୍କୁଲ ଏବଂ ବାଲିଶଙ୍କରା ବ୍ଲକ ହାଇସ୍କୁଲ ନୋଡାଲ ସେଣ୍ଟରରେ ସିସିଟିଭି କ୍ୟାମେରା ଲାଗି ନ ଥିବା ବେଳେ ଅନ୍ୟ ସମସ୍ତ ୧୮ ସେଣ୍ଟରରେ ସିସିଟିଭି ଲାଗିଥିବା ସୂଚନା ମିଳିଛି। ଜିଲ୍ଲାର ସମସ୍ତ ନୋଡାଲ ଅଫିସରଙ୍କୁ ନେଇ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ଡିଇଓ ଅମୂଲ୍ୟ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି।







- ୨୦ ନୋଡାଲ ସେଣ୍ଟରରୁ ଯିବ ପ୍ରଶ୍ନପତ୍ର
- ରାଉରକେଲାରେ ୨୦ କେନ୍ଦ୍ରରେ ପରୀକ୍ଷା ଦେବେ ୫୧୭୯ ପରୀକ୍ଷାର୍ଥୀ
- ଗୋଟିଏ ବୋର୍ଡ ସ୍କ୍ୱାଡ୍, ୩ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ୨୩୪ ପ୍ରଶାସନିକ ଅଧିକାରୀ ନିୟୋଜିତ

## ସାଢ଼େ ୮ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ ପ୍ରଶ୍ନପତ୍ର

ମଙ୍ଗଳବାର ସକାଳ ୯ଟାରୁ ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ଯାଇ ସକାଳ ସାଢ଼େ ୮ଟା ସୁଦ୍ଧା ପରୀକ୍ଷା କେନ୍ଦ୍ରଗୁଡ଼ିକରେ ପହଞ୍ଚିବ। ସୁନ୍ଦରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଅମୂଲ୍ୟ ପ୍ରଧାନ ଏ ନେଇ ସୂଚନା ଦେଇ କହିଛନ୍ତି ଯେ ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ବୋର୍ଡ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପ୍ରତିବର୍ଷ ପ୍ରଶ୍ନପତ୍ରକୁ ନେଇ ସୃଷ୍ଟି ହେଉଥିବା ବିଭ୍ରାଟର ଯେପରି ପୁନରାବୃତ୍ତି ନ ହୁଏ, ସେଥିପାଇଁ ବୋର୍ଡ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ନୋଡାଲ ଓ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସାଢ଼େ ୮ଟା ସୁଦ୍ଧା ନୋଡାଲ ସେଣ୍ଟରଗୁଡ଼ିକରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର କଡ଼ା ସୁରକ୍ଷା ବଳୟରେ ପହଞ୍ଚିବା ବ୍ୟବସ୍ଥା କରାଯାଇଛି। ପରୀକ୍ଷାରେ ଅସାଧୁ ଉପାୟ ତଥା କପିକୁ ରୋକିବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏକ ବୋର୍ଡ ସ୍କ୍ୱାଡ୍ ଜିଲ୍ଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ତଦାରଖ କରିବ। ସେହିପରି ଜିଲ୍ଲାରେ ୩ଟି ସ୍ୱତନ୍ତ୍ର ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ସେମାନେ ପରୀକ୍ଷା ସମୟରେ ଜିଲ୍ଲାର ଯେ କୌଣସି କେନ୍ଦ୍ରକୁ ଅଚାନକ ପରିଦର୍ଶନ କରିବାକୁ ନିର୍ଦ୍ଦେଶ ରହିଛି। ଏତଦବ୍ୟତୀତ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ର ପାଇଁ ୨ ଜଣ ଲେଖାଏଁ ଜିଲ୍ଲାର ୧୧୭ଟି କେନ୍ଦ୍ରରେ ୨୩୪ ଜଣ ପ୍ରଶାସନିକ ଅଧିକାରୀ ନିୟୋଜିତ ରହିବେ ବୋଲି ଡିଇଓ ପ୍ରଧାନ 'ସକାଳ'କୁ କହିଛନ୍ତି।



# ସ୍କୁଲ ଅଫ୍ ଫାଇନ୍ ଆର୍ଟସ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା





**ରାଉରକେଲା, ୧୯ ।୨(ସମିସ):** ରାଉରକେଲା କଲଚରାଲ ଏକାଡେମୀ ପରିଚାଳିତ ସ୍କୁଲ ଅଫ୍ ଫାଇନ୍ ଆର୍ଟସ ପକ୍ଷରୁ ୫୧ତମ ଶିଳ୍ପୀଗୁରୁ ବିମ୍ବାଧର ବର୍ମା ବିଦ୍ୟାଳୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତା ପାଇଁ ଛାତ୍ରଛାତ୍ରୀଙ୍କୁ ୪ ଗ୍ରୁପ୍‌ରେ ଭାଗ କରାଯାଇଥିଲା। ନର୍ସରୀରୁ କ୍ଲାସ୍ ୧ ପର୍ଯ୍ୟନ୍ତ 'ଗ୍ରୁପ୍-୧' କ୍ଲାସ୍ ୨ରୁ ୪ ପର୍ଯ୍ୟନ୍ତ 'ଗ୍ରୁପ-୨', କ୍ଲାସ୍ ୫ରୁ ୭ ପର୍ଯ୍ୟନ୍ତ 'ଗ୍ରୁପ-୩' ଏବଂ କ୍ଲାସ୍ ୮ରୁ ୧୦ ପର୍ଯ୍ୟନ୍ତ 'ଗ୍ରୁପ-୪'। ପ୍ରତିଯୋଗିତାରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରାଛାତ୍ରୀ ଭାଗ ନେଇଥିଲେ।

ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ ଅଫ୍ ଫାଇନ୍ ଆର୍ଟସର ବାର୍ଷିକ ତଥା ସମାବର୍ତ୍ତନ ଉତ୍ସବରେ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକାଡେମୀର ଉପସଭାପତି ବିଷ୍ଣୁପ୍ରିୟା ମହାପାତ୍ର, ସାଧାରଣ ସମ୍ପାଦକ କାଶୀନାଥ ପାତ୍ର, ସ୍କୁଲ ଅଫ୍ ଫାଇନ ଆର୍ଟସର ସମ୍ପାଦକ ଅକ୍ଷୟ ସାମଲ, ସାହିତ୍ୟ ସମ୍ପାଦକ ଡ. ନଗେନ ଦାସ, 'ନବପତ୍ର'ର ସମ୍ପାଦକ ଡ. ପ୍ରଭାତ ମଲ୍ଲିକ, ବିଦ୍ୟାଳୟ ଅଧକ୍ଷ ଗୋକୁଳାନନ୍ଦ ଦାଶ, ଶିକ୍ଷୟିତ୍ରୀ ରୀନୁ ପ୍ରଧାନ, ଶିକ୍ଷକ ମସୃଣ ମହନ୍ତ, ବରିଷ୍ଠ ସଦସ୍ୟ ଡା. କୃପାସିନ୍ଧୁ ନାୟକ, କେଦାର ପ୍ରଧାନ, ସୁଜିତ କୁମାର ନାୟକ, କିଶୋର ବେହେରା, ଅକ୍ଷୟ ପଣ୍ଡା ଏବଂ ଚିତ୍ରଶିଳ୍ପୀ ଦେବେନ୍ଦ୍ର ମହାରଣା ପ୍ରମୁଖ ସହଯୋଗ କରିଥିଲେ।

**ସ୍ଥାନୀୟ ଶ୍ରମିକଙ୍କୁ ଉପେକ୍ଷା**

# ଭାସ୍କର ଷ୍ଟିଲ ପ୍ଲାଣ୍ଟ ଫାଟକରେ ତାଲା ପକାଇଲେ

**ଲହୁଣୀପଡ଼ା, ୧୯ ।୨(ସମିସ):** ସ୍ଥାନୀୟ ଶ୍ରମିକଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ କରି ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ବଡ଼ ତୁମକଳାଠାରେ ଥିବା ଭାସ୍କର ଷ୍ଟିଲ୍ ପ୍ଲାଣ୍ଟ ସାମ୍ନାରେ ସୋମବାର ଉତ୍ତ୍ୟକ୍ତ ଶ୍ରମିକମାନେ ବିକ୍ଷୋଭ କରିବା ସହ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଠିକାଦାର ଅଧୀନରେ କାର୍ଯ୍ୟ କରୁଥିବା ସ୍ଥାନୀୟ ଶ୍ରମିକମାନଙ୍କୁ କମ୍ପାନୀ ବିଭିନ୍ନ ଆଳ ଦେଖାଇ ଛଟେଇ କରୁଥିବା ପ୍ରତିବାଦରେ ଶ୍ରମିକ ମାନେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିକ୍ଷୋଭ କରିଥିଲେ। ଏହି ଆନ୍ଦୋଳନ ପରେ କମ୍ପାନୀ ପୁଣି ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିବା ଜଣାପଡ଼ିଛି।

ଭାସ୍କର ପ୍ଲାଣ୍ଟରେ ୩ ଠିକାଦାର ଅଧୀନରେ ପ୍ରାୟ ଶହେ ଶ୍ରମିକ କାମ କରନ୍ତି। କମ୍ପାନୀ ପକ୍ଷରୁ ୨୦୧୨ରେ ୧୦ ଜଣ ଶ୍ରମିକଙ୍କ ଦ୍ୱାରା କାର୍ଯ୍ୟ କରାଯାଉଥିଲା। ମାତ୍ର ୨୦୧୫ରେ ତାହାକୁ ଖସାଯାଇ ୫ କରାଯାଇଥିଲା। ଏବେ ପୁଣି ତାହାକୁ ହ୍ରାସ କରାଯାଇ ୨/୩ ଜଣ ଶ୍ରମିକଙ୍କ ଦ୍ୱାରା କାର୍ଯ୍ୟ କରାଯିବାକୁ କମ୍ପାନୀ ପକ୍ଷରୁ ନିଷ୍ପତ୍ତି ନିଆଯିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାବ୍ୟତୀତ ଶ୍ରମିକମାନଙ୍କୁ ଗୋଟି ଶ୍ରମିକ ଭଳି ସର୍ବନିମ୍ନ ମଜୁରି ବି ଦିଆଯାଉନି କି ଜୋତା ମଧ ଦିଆଯାଉ ନ ଥିବା ଅନେକ ଶ୍ରମିକ ଅଭିଯୋଗ କରିଛନ୍ତି। ସରକାରୀ ନିୟମ ଅନୁସାରେ ଜଣେ ଶ୍ରମିକ ଯଦି ଏକ କମ୍ପାନୀରେ ୩ ମାସରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟ କରିସାରିଛନ୍ତି, ତେବେ ତାଙ୍କୁ କମ୍ପାନୀ ବିନା କାରଣ ଦର୍ଶାଅ ନୋଟିସରେ ଛଟେଇ କରିପାରିବ ନାହିଁ। ଏହି ନିୟମର ଏଠାରେ ଉଲ୍ଲଙ୍ଘନ ହେଉଛି। ଓଭର ଟାଇମ କରୁଥିବା ଶ୍ରମିକମାନଙ୍କ ପାଇଁ କମ୍ପାନୀ ଜଳଖିଆ ବ୍ୟବସ୍ଥା ବି କରୁନାହିଁ। ସ୍ଥାନୀୟ ଗ୍ରାମବାସୀଙ୍କ ବିରୋଧ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ପ୍ଲାଣ୍ଟ ସମ୍ପ୍ରସାରଣ ପାଇଁ ଜମି ଯୋଗାଇ ଦିଆଯାଇଥିବା ବେଳେ ଶ୍ରମିକ ଛଟେଇ କେତେଦୂର ଯୁକ୍ତିଯୁକ୍ତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରମିକଙ୍କ ବିରୋଧକୁ ଦେଖି କମ୍ପାନୀ କର୍ତ୍ତୃପକ୍ଷ ପୁଲିସ ଉପସ୍ଥିତରେ ପୂର୍ବ ପରି କାର୍ଯ୍ୟରେ ଯୋଗଦେବାକୁ ଶ୍ରମିକମାନଙ୍କୁ ଅନୁମତି ଦେଇଥିଲେ ହେଁ କୌଣସି ଲିଖିତ ପ୍ରତିଶ୍ରୁତି ଦେଇ ନ ଥିବା ଜଣାପଡ଼ିଛି।





# ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ



**ରାଉରକେଲା, ୧୯ ।୨(ସମିସ):** କବିବର ରାଧାନାଥ ରାୟ ବିଦ୍ୟାପୀଠ ଓ ଲିଟିଲ୍ ଫ୍ଲାୱାର ପବ୍ଲିକ ସ୍କୁଲର ୩୧ତମ ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ସେକ୍ଟର-୬ କମ୍ୟୁନିଟି ସେଣ୍ଟର୍‌ରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆରଏସପି ସିଏସଆର୍ ବିଭାଗର ଡ. ଏଚ୍.କେ ନାୟକ ଯୋଗଦେଇ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ଉଲ୍ଲେଖ କରିଥିଲେ। କ୍ରୀଡ଼ା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଐକ୍ୟ, ସମୟାନୁବର୍ତ୍ତିତା, ଏକାଗ୍ରତା ଆଣିଥାଏ ବୋଲି ପ୍ରଧାନଶିକ୍ଷକ ପ୍ରଦୀପ କୁମାର ଲେଙ୍କା କହିଥିଲେ। ମୁଖ୍ୟଅତିଥି ନାୟକ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିକ୍ଷକ ଅଶୋକ ରାଉତ, ଶିକ୍ଷୟିତ୍ରୀ ସସ୍ମିତା ପୋଥାଳ, ଦୀପ୍ତି ପ୍ରଧାନ, ଗୀତା ଦାସ, ନୀଲମ୍ କର୍ମକାର ଓ ସୁମନ ବିଶୋଇ ସହଯୋଗ କରିଥିଲେ।

# ରାଜଗାଙ୍ଗପୁର ବ୍ଲକରେ ଜନଅଭିଯୋଗ ଶୁଣାଣି



**ରାଜଗାଙ୍ଗପୁର, ୧୯ ।୨(ସମିସ):** ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାର ରାଜଗାଙ୍ଗପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଡ. ପରାଗ ଗଭାଲି ଏବଂ ଏସ୍‌ପି ପ୍ରତ୍ୟୁଷ ଦିବାକର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୩୧୮ ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ୧୬୦ଟି ବ୍ୟକ୍ତିଗତ ଓ ୧୪୪ଟି ସାମୂହିକ ଅଭିଯୋଗ ଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୧୪ଟି ଆବେଦନ ଆସିଥିଲା। ଅଭିଯୋଗଗୁଡ଼ିକ ମଧ୍ୟରୁ ୧୮ଟିର ତତକ୍ଷଣାତ ସମାଧାନ କରାଯାଇଥିଲା। ବିଶେଷ କରି ଭତ୍ତା, ରାସନ୍ କାର୍ଡ ସମସ୍ୟା, ରାସ୍ତାଘାଟ ମରାମତି, ପାନୀୟ ଜଳ ଯୋଗାଣ, ଡ୍ରେନେଜ୍ ସମସ୍ୟା ଆଧାରିତ ଅଭିଯୋଗ ଆସିଥିଲା। ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦୁଃଖବନ୍ଧୁ ନାୟକ, ସଦର ଉପଜିଲ୍ଲାପାଳ ଦାଶରଥି ସରାବୁ, ଶିକ୍ଷାନବିସ ଆଇଏଏସ ଅଧିକାରୀ ପ୍ରହଲ୍ଲାଦ ଶର୍ମା, ରାଜଗାଙ୍ଗପୁର ବିଡିଓ ଅକ୍ଷୟ ବାଗଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

ଜନ୍ମଦିନର ଶୁଭେଚ୍ଛା



ଶ୍ରୀଯୁକ୍ତ ନନ୍ଦକିଶୋର ଶତପଥି
ଅବସରପ୍ରାପ୍ତ ଶିକ୍ଷକ ବିବି ଉଚ୍ଚ ବିଦ୍ୟାଳୟ, ଢେଙ୍କାନାଳ ।
ଆପଣଙ୍କର ସତ୍ୟବାଦୀତା, କର୍ତ୍ତବ୍ୟନିଷ୍ଠତା, ସମୟାନୁବର୍ତ୍ତିତା ଓ ଦୃଢ଼ ମନୋବଳ ଇତ୍ୟାଦି ସଦ୍‌ଗୁଣ ଆମ ଜୀବନର ପାଥେୟ ହେଉ ।
ଆପଣଙ୍କର ୯୬ତମ ଜନ୍ମଦିବସରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଶ୍ରୀଚରଣାବିନ୍ଦରେ ଆପଣଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରୁଅଛୁ ।
ଆପଣଙ୍କ ପୁତ୍ର, ପୁତ୍ର ବଧୂ, ଝିଅ ଜ୍ୱାଇଁ ଓ ନାତନାତୁଣୀମାନେ ।

# ମଦ ଦୋକାନ ସ୍ଥାନାନ୍ତର ଦାବିରେ ବିକ୍ଷୋଭ

**ଗୁରୁଣ୍ଡିଆ, ୧୯ ।୨(ସମିସ)**

ଗୁରୁଣ୍ଡିଆ ବ୍ଲକ ସଦର ମହକୁମାଠାରେ ଥାନା ଓ ଏକଲ ବିଦ୍ୟାଳୟ ତଥା ଅଙ୍ଗନବାଡ଼ି କେନ୍ଦ୍ରଠାରୁ ମାତ୍ର ୫୦ ମିଟର ଦୂରରେ ଥିବା ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଦାବି କରି ସ୍ଥାନୀୟ ଲୋକ ପ୍ରତିନିଧି ତଥା ଜନସାଧାରଣ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗୁରୁଣ୍ଡିଆ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମଦ ଦୋକାନଟି ଜନବସତି ମଧ୍ୟରେ ଥିବାବେଳେ ପ୍ରାୟ ସମୟରେ ମଦୁଆଙ୍କ ଭିଡ଼ ଯୋଗୁଁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଲାମାନଙ୍କ ପାଠପଢ଼ାରେ ଅସୁବିଧା ସୃଷ୍ଟି ହେବା ସହ ସେହି ରାସ୍ତା ଦେଇ ମହିଳାମାନେ ଯିବାଆସିବା କରିବା ପାଇଁ ଅସୁରକ୍ଷିତ ମଣୁଛନ୍ତି। ଏହାଛଡ଼ା ମଦ୍ୟପମାନେ କାଚ ବୋତଲ ଭାଙ୍ଗି ରାସ୍ତାଘାଟ ଓ କୃଷିକ୍ଷେତ୍ରରେ ପକାଉଥିବାରୁ ପଥଚାରୀ ତଥା କୃଷିକ୍ଷେତ୍ରରେ କାମ କରୁଥିବା ଲୋକେ ଅନେକ ଥର ଭଙ୍ଗା କାଚ ମାଡ଼ି ଆହତ ହେଉଛନ୍ତି। ତୁରନ୍ତ ଏହି ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରିବା ଦାବିରେ ଗୁରୁଣ୍ଡିଆ ସରପଞ୍ଚ ପ୍ରଭାକର ମୁଣ୍ଡା ତଥା ସମିତି ସଭ୍ୟ ଦଶରଥ ଓରାମଙ୍କ ନେତୃତ୍ୱରେ ଶହ ଶହ ମହିଳା, ପୁରୁଷ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିକ୍ଷୋଭରେ ଗୁରୁଣ୍ଡିଆ ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ, ଗତ ଡିସେମ୍ବର ୨୬ ତାରିଖରେ ସ୍ଥାନୀୟ ଲୋକେ ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଏହି ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରିବା ପାଇଁ ଦାବି କରିଥିଲେ। ୨୦୨୨ ମେ ମାସରେ ପଞ୍ଚାୟତରେ ଆୟୋଜିତ ଗ୍ରାମସଭାରେ ସମସ୍ତଙ୍କ ନିଷ୍ପତ୍ତି କ୍ରମେ ଏହି ମଦ ଦୋକାନ ବନ୍ଦ କରିବା ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ବିଦେଶୀ ମଦ ଦୋକାନ ସ୍ଥାନାନ୍ତର କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଜନ ଆନ୍ଦୋଳନ ହେବ ବୋଲି ନିର୍ବାଚିତ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। ଆଜିର ଏହି ବିକ୍ଷୋଭରେ ସରପଞ୍ଚ, ସମିତି ସଭ୍ୟଙ୍କ ସହ ନାଏବ ସରପଞ୍ଚ ଝୁନୁଟୁ ଓରାମ ୱାର୍ଡମେମ୍ବର ରାଜକୁମାରୀ ଗୋଛାୟତ, ଶିବରାତ୍ରି କିସାନ, ଲକ୍ଷ୍ମଣ ବୁଢ଼ା, କୁଆଁରୀ ଓରାମ, ସୁଶିଲ ମୁଣ୍ଡା, ରଞ୍ଜନ କିସାନ, ରୀନା ଓରାମ, ଭୀମ ଓରାମ, ଦୀପକ ଲୁଗୁନ, ଲୁଦବିନା ସୋରେନ, ସୁଶିଲ କିଣ୍ଡୋ, ଦୀପକ ଗୋଛାୟତ, ଅଭିରାମ ମହାକୁଳ, ଜୟରାମ ତିର୍କୀ, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶାନ୍ତନୁ କୁମାର ଦାଶ, ଗୁରୁଣ୍ଡିଆ ମଣ୍ଡଳ ସଭାପତି ଶୁଭ୍ରଜିତ ମୁଣ୍ଡା, ଯୁବମୋର୍ଚ୍ଚା ଜିଲ୍ଲା କାର୍ଯ୍ୟକର୍ତ୍ତା ଦୀପକ କୁମାର ବେହେରା, ଶାନ୍ତନୁ ମହାକୁଳ ପ୍ରମୁଖ ଯୋଗଦେଇଥିଲେ।





ANIMESH FOOD PRODUCTS
ANIMESH INDIAN SNACKS
Swasti BAKERY
(An ISO 9001: 2008 & HACCP Certified Company)
Plot No.: 55/D, Food Processing Park, Industrial Estate, Khordha
Email: foodproducts2010@gmail.com



Contact: 8895052838 / 8596070800

**ସହରକୁ ଯୋଡ଼ିହେଲା ଗାଁ**

# ସୁବର୍ଣ୍ଣପୁର ଜିଲ୍ଲାରେ ଗଡ଼ିଲା ଲକ୍ଷ୍ମୀ ବସ୍

ସୋନପୁର, ୧୯ ।୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବାର ଶୁଭାରମ୍ଭ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଏହାର ଶୁଭାରମ୍ଭ ହୋଇଛି । ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମରେ ଏ ନେଇ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଥିଲା । ଉଦଘାଟନୀ ସମାରୋହରେ ସ୍ୱାସ୍ଥ୍ୟ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଜିଲ୍ଲାପାଳ






ଅନ୍ୟା ଦାସ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଅତିରିକ୍ତ ଜିଲ୍ଲାପାଳ, ପରିବହନ ବିଭାଗର ଅଧିକାରୀ, ସମିତି ସଭ୍ୟ, ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ମନ୍ତ୍ରୀ, ବିଧାୟକ ଓ ଜିଲ୍ଲାପାଳ ବସ୍ କଣ୍ଡକ୍ଟରଙ୍କଠାରୁ ଟିକଟ କାଟି ଯାତ୍ରୀମାନଙ୍କ ସହିତ ସୋନପୁର ବ୍ଲକ ଅଞ୍ଚଳକୁ ଯାତ୍ରା କରିଥିଲେ । ଜିଲ୍ଲାର ୬ଟି ବ୍ଲକରେ ଏହି ଲକ୍ଷ୍ମୀ ବସ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୩ଟି ଲକ୍ଷ୍ମୀ ବସ ଚଳାଚଳ ଆରମ୍ଭ ହୋଇଛି । ଏହା ମଧ୍ୟରେ ୨ଟି ଏସି ଏବଂ ୧୧ଟି ନନ୍ ଏସି ବସ୍ ରହିଛି ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ

**ସୋନପୁର, ୧୯ ।୨(ସମିସ):** ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ସୁଦୃଢ ପାଇଁ ଜିଲ୍ଲାର ୯ ଜଣ ଦୁସ୍ଥ ମହିଳାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୫ ହଜାର ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଇଛି । ସାମାଜିକ ଓ ଆର୍ଥିକ ସ୍ତରରେ ସଶକ୍ତ କରିବା ପାଇଁ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଏହି ମହିଳାମାନଙ୍କୁ ସହାୟତା ରାଶି ପ୍ରଦାନ କରିଛନ୍ତି । ତେବେ ଜିଲ୍ଲାପାଳଙ୍କ ଦ୍ୱାରା ସମସ୍ତ ହିତାଧୀକାରୀଙ୍କୁ ଚେକ୍ ମାଧ୍ୟମରେ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏହି ସହାୟତା ରାଶି ପ୍ରଦାନ କରାଯାଇଛି । ଜିଲ୍ଲାର ସୋନପୁର ବ୍ଲକ, ବୀରମହାରାଜପୁର ବ୍ଲକ, ତରଭା ବ୍ଲକ ଓ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ସହାୟତା ପାଇଥିବା ୯ ଜଣ ହିତାଧିକାରୀ ହେଲେ ପଞ୍ଚମୀ ବାଗ, ଉତ୍ତମା ଛତ୍ରିଆ, ରଜନୀ ମହକ୍ଷନଦ, ଅନ୍ନପୂର୍ଣ୍ଣକ୍ଷ ଛତ୍ରିଆ, ଖିର ବାଗ, ସୁବର୍ଣ୍ଣ ବିଭାର, ଠନ ସୁନ୍ଦରୀ କୁମ୍ଭାର, ଅହଲ୍ୟା ବାରିକ ଓ ସୁପ୍ରଭା ଜଗଦଲା । ଏହି ଅବସରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଜିଲ୍ଲା ନିଜାରତ ଶାଖା ଅଧିକାରୀ ବିସିକେସନ ପ୍ରଧାନ, ଜିଲ୍ଲା ଜରୁରୀ ଶାଖା ଅଧିକାରିଣୀ ସିୟନ୍ତିକା ଶୁଭଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ଥିଲେ ।




## ୪ ମାସ ହେବ ପିଡିଏସ୍ ଚାଉଳ ବନ୍ଦ

**ସୁବଳୟା, ୧୯ ।୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସୁବଳୟା ପଞ୍ଚାୟତର ସାଲେଇପଦର ଗ୍ରାମବାସୀଙ୍କୁ ୪ ମାସ ହେବ ପିଡିଏସ୍ ଚାଉଳ ବଣ୍ଟନ କରାଯାଉନି । ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଲୋକେ ଏହି ଅଭିଯୋଗ କରିଛନ୍ତି । ଅନେକ ଥର ବଣ୍ଟନ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଗୁହାରି କରିଥିଲେ ମଧ୍ୟ ସେ ଶୁଣୁ ନ ଥିବା ଶ୍ରୀକାନ୍ତ ମହାକୁର, ସମାରୁ ଭୋଇ, ଭୁବନ କପାଟ, ବଂଶୀଧର କପାଟ, ସାନ ରାଉତ, କପିଳ ବେହେରା, ସନ୍ନ୍ୟାସୀ ସାହୁ ଓ ଏକାଦ୍ରୁସିଆ ପ୍ରମୁଖ ଅଭିଯୋଗ କରିଛନ୍ତି ।



## ସୁଧୀର ଧଙ୍ଗଡ଼ାମାଝୀ ପାଇବେ କିଶୋରୀ ଚରଣ ପୁରସ୍କାର

**ଭବାନୀପାଟଣା, ୧୯ ।୨(ସମିସ):** ବିଶିଷ୍ଟ ସାହିତ୍ୟିକ କିଶୋରୀ ଚରଣ ଦାସଙ୍କ ସ୍ମୃତିରେ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ କିଶୋରୀ ଚରଣ ପୁରସ୍କାର ପାଇବେ ଯୁବ କଥାକାର ସୁଧୀର କୁମାର ଧଙ୍ଗଡ଼ାମାଝୀ । ଟାଇମପାସ୍ ପକ୍ଷରୁ ପ୍ରକାଶିତ ତାଙ୍କର ଗଳ୍ପ ପୁସ୍ତକ 'ଝଙ୍ଗାର୍' ପାଇଁ ସେ ଏହି ପୁରସ୍କାର ପାଇବେ । ପୁରସ୍କାର ସ୍ୱରୂପ ମାନପତ୍ର, ଉପଢୌକନ ଓ ପାଞ୍ଚ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯିବ । ପୂର୍ବରୁ 'ଝଙ୍ଗାର୍' ଟାଇମପାସ୍ ବେଷ୍ଟସେଲର୍ ପୁରସ୍କାର-୨୦୨୧ ପାଇବା ସହ ୨୦୨୦ ଓ ୨୦୨୧ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ସଂକ୍ଷିପ୍ତ ସୂଚୀରେ ସାମିଲ ହୋଇଥିଲା । କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବଡ଼ୀପଦର ଗ୍ରାମର ଶ୍ରୀ ଧଙ୍ଗଡ଼ାମାଝୀ ସିଆର୍‌ସିସି ଭାବେ କାର୍ଯ୍ୟରତ । ୪୦ ବର୍ଷରୁ କମ୍ ଯୁବ ଲେଖକମାନଙ୍କ ଦ୍ୱାରା ରଚିତ ଗଳ୍ପ, ଉପନ୍ୟାସ ପୁସ୍ତକ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ । ମାର୍ଚ୍ଚ ୧ ତାରିଖ ସନ୍ଧ୍ୟାରେ କଟକ ଶତାବ୍ଦୀ ଭବନରେ କିଶୋରୀ ଚରଣ ଜନ୍ମ ଶତବାର୍ଷିକୀ ସମାରୋହରେ ଶ୍ରୀ ଧଙ୍ଗଡ଼ାମାଝୀଙ୍କୁ ପୁରସ୍କୃତ କରାଯିବ ।

## ଦୁର୍ଘଟଣାରେ ୩ ଗୁରୁତର, ୪ ଆହତ

**କୋମନା, ୧୯ ।୨(ସମିସ):** ନୁଆପଡ଼ା ଜିଲ୍ଲା କୋମନା ଥାନା ପେଣ୍ଡ୍ରାବନ୍ ୩୫୩ ନମ୍ବର ଜାତୀୟ ରାଜପଥର ଲତାବାଞ୍ଜି ଛକ ନିକଟରେ ଦୁର୍ଘଟଣା ଘଟିଛି । ଏଥିରେ ୭ ଆହତ ହୋଇଛନ୍ତି । ଏମାନେ ହେଲେ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜିସ୍ଥିତ କୁତରାତଳୀ ଗ୍ରାମର ପିତମ ମାଝୀ (୪୫), ଲବଣୀ ମାଝୀ (୨୩), ସାବିତ୍ରୀ ମାଝୀ (୪୫), ତାରାବତୀ ମାଝୀ (୪୫) ଭାଗ୍ୟଶ୍ରୀ ମାଝୀ (୪୫) ଜମୁନା ମାଝୀ (୪୦) ଓ ପଣ୍ଟୁ ମାଝୀ(୫୦) । ଏମାନେ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଢୋର୍ଲାମୁଣ୍ଡା ଗ୍ରାମର ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେଇ ଏମାନେ ଫେରୁଥିଲେ; ହେଲେ ପେଣ୍ଡ୍ରାବନ୍ ଜାତୀୟ ରାଜପଥର ଲତାବାଞ୍ଜି ନିକଟରେ ପଛପଟୁ ବୀର ନାମକ ଏକ ବସ୍ ଦ୍ରୁତଗତିରେ ଆସି ଧକ୍କା ଦେଇ ଫେରାର ମାରିଥିଲା । ଅଟୋରେ ଥିବା ୧୦ଜଣ ଯାତ୍ରୀଙ୍କ ମଧ୍ୟରୁ ୭ ଜଣ ଆହତ ହୋଇଥିଲେ । ତନ୍ମଧ୍ୟରୁ ୩ ଜଣ ମହିଳା ଗୁରୁତର ଆହତ ହୋଇଥିଲେ । ସମସ୍ତଙ୍କୁ କୋମନା ପୁଲିସ ଉଦ୍ଧାର କରି ଡାକ୍ତରଖାନା ପଠାଇଥିଲା ।

## ସିନାପାଲିରେ ମିଶନ ଶକ୍ତି ଋଣମେଳା

**ସିନାପାଲି, ୧୯ ।୨(ସମିସ):** ସିନାପାଲି ବ୍ଲକ ସଭାଗୃହରେ ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି । ୫୩ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ କୋଟି ୮୦ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା । ଏହି ମେଳାରେ ଏଲଡିଏମ ସୀତାରାମ ମେହେର, ବିପିସି ମିଶନ ଶକ୍ତି ବିଜୟ ଭିତ୍ରିଆ, ବିପିଏମ ଶରତ ଚନ୍ଦ୍ର ଦୀପ ପ୍ରମୁଖ ଉପସ୍ଥିତ ଥିଲେ ।




## ବୈଷ୍ଣବ ବୈରାଗୀ ସମାଜର କମିଟି ଗଠନ

**ଖଡ଼ିଆଳ/ଗଣ୍ଡାବାହାଲି, ୧୯ ।୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକସ୍ଥିତ ବାଦୀ ଗ୍ରାମର ପଞ୍ଚାୟତ ବଗିଚାଠାରେ ବୈରାଗୀ ସମାଜର ବ୍ଲକସ୍ତରୀୟ କମିଟି ଗଠିତ ହୋଇଯାଇଛି । ଜିଲ୍ଲା ସଭାପତି ଲଳିତ ମୋହନ ଦାସ ଓ ଜିଲ୍ଲା ସମ୍ପାଦକ ଚମ୍ପେଶ୍ୱର ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ତୁଳାରାମ ଦାସ ସଭାପତିତ୍ୱ କରିଥିଲେ । ବ୍ଲକ ସଭାପତି ଭାବରେ ନୀଳଗିରି ଦାସ, ସମ୍ପାଦକ ଶତ୍ରୁଘ୍ନ ଦାସ, କୋଷାଧ୍ୟକ୍ଷ ଭାବରେ କୃଷ୍ଣ ଚନ୍ଦ୍ର ଦାସଙ୍କୁ ମନୋନୀତ କରାଯାଇଛି । ସଭ୍ୟ ପ୍ରତିନିଧି ଭାବରେ କୁଶ ଦାସ, ଲକ୍ଷ୍ମୀ ଚରଣ ଦାସ, ଚମାର ଦାସ, ବେଶରାଜ ଦାସ, ରଘୁମଣି ଦାସ, ଚିତ୍ତ ଦାସ, କ୍ଷେତ୍ର ମୋହନ ଦାସ, ଶ୍ୟାମଚରଣ ଦାସ, କୃଷ୍ଣଚନ୍ଦ୍ର ଦାସ, ଯଜ୍ଞ ଚରଣ ଦାସ, ମହୋଦୟ ଦାସ, ଧନେଶ୍ୱର ଦାସ, ପରୀକ୍ଷିତ ଦାସ ପ୍ରମୁଖ ରହିଛନ୍ତି ।

## ୮୧ ଲିଟର ରନ୍ଧାମଦ ଜବତ, ୧ ଗିରଫ

**ଟିଟିଲାଗଡ଼, ୧୯।୨(ସମିସ):** ଟିଟିଲାଗଡ଼ ଅବକାରୀ ବିଭାଗକୁ ବଡ଼ ସଫଳତା ମିଳିଛି । ଟିଟିଲାଗଡ଼ ଥାନା ଅନ୍ତର୍ଗତ ଦିଗସିରା ଗ୍ରାମରେ ଅବକାରୀ ବିଭାଗ ଅଧିକାରୀ ଚଢ଼ଉ ବେଳେ ଗ୍ରାମର ମୋହନ ପାୟସିଂଙ୍କ ଘରେ ଗଛିତ ଥିବା ବେଆଇନ ୮୫ ଲିଟର ହାତ ରନ୍ଧା ମଦ ଜବତ କରିଛନ୍ତି । ଅଭିଯୁକ୍ତ ପାୟସିଂଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ । ଅବକାରୀ ଅଧିକାରୀ ଆଶିଷ ବେହେରା, ଏଏସଆଇ ସତ୍ୟବ୍ରତ ପ୍ରଧାନ, ବୁଲୁ ସେଠୀ, କୁମୁଦିନୀ ମଲ୍ଲିକ, ଗଗନ ବିହାରୀ ମିଶ୍ର ପ୍ରମୁଖ ଏହି ଚଢ଼ଉରେ ସାମିଲ ଥିଲେ ।

## ସିସିଏଫ୍‌ଏ ଫୁଟ୍‌ବଲ: ଦୋସ୍ତି ବ୍ରଦର୍ସ ଫାଇନାଲରେ

**ବଲାଙ୍ଗିର, ୧୯।୨(ସମିସ):** ସିସିଏଫଏ କଲେଜଛକ ବଲାଙ୍ଗିର ଆନୁକୂଲ୍ୟରେ ମିଶନ ହାଇସ୍କୁଲ ପଡ଼ିଆଠାରେ ଦ୍ୱିତୀୟ ସିସିଏଫଏ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି । ସିସିଏଫ୍ଏ ସଭାପତି ସୁରେନ୍ଦ୍ର ନାଗ (ସୋନୁ)ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଖେଳରେ ମୁଖ୍ୟଅତିଥି ଭାବେ ଏଆଇସିସି ସଦସ୍ୟ ବିଧୁଭୂଷଣ ତ୍ରିପାଠୀ ଯୋଗ ଦେଇଥିଲେ । ଦୋସ୍ତି ବ୍ରଦର୍ସ ୧-୦ ଗୋଲରେ ଏଲଏସ କ୍ଲବକୁ ହରାଇ ଦ୍ୱିତୀୟ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଛି । ଖେଳକୁ ରେଫରି ଭାବରେ ଶଶିକାନ୍ତ ଦାସିଆ, ସୁଶାନ୍ତ ନାଗ, ସୁଦର୍ଶନ ସେଠ ଓ ଅବଦୁଲ ମୁଜିବ ପରିଚାଳନା କରିଥିଲେ । ସୁଦୟ ବାରିକ ମ୍ୟାଚ କମିଶନର ଥିଲେ । ୨୦ ତାରିଖ ମଙ୍ଗଳବାର ଦୋସ୍ତି ବ୍ରଦର୍ସ ସୁନ୍ଦରଗଡ଼ ବନାମ ସମ୍ବଲପୁର ଏଫ୍‌ସି ମଧ୍ୟରେ ଫାଇନାଲ ଖେଳ ହେବ ବୋଲି ଆୟୋଜନ କମିଟି ସମ୍ପାଦକ ହେମନ୍ତ ବେହେରା ସୂଚନା ଦେଇଛନ୍ତି ।



## କଳାହାଣ୍ଡି ଲେଖିକା ସଂଘର ବାସନ୍ତିକ କାବ୍ୟୋତ୍ସବ

**ଭବାନୀପାଟଣା, ୧୯ ।୨(ସମିସ):** କଳାହାଣ୍ଡି ଲେଖିକା ସଂଘର ବାସନ୍ତିକ କାବ୍ୟୋତ୍ସବ ଭର୍ଚୁଆଲ ମାଧ୍ୟମରେ ହୋଇଯାଇଛି । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସୁଦେଷ୍ଣା ପଣ୍ଡା ପରିଚାଳନା କରିଥିବାବେଳେ କବି ଦୀପ୍ତି ମୁଣ୍ଡ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । କବିତା ମୁଣ୍ଡ, ସବିତା ଶତପଥୀ, ସଂଯୁକ୍ତା ମୁଣ୍ଡ, ସସ୍ମିତା ସାହୁ, ସୁସ୍ମିତା ମହାପାତ୍ର, କଳ୍ପନା ରଥ, ଅର୍ଚ୍ଚନା ମିଶ୍ର, ଡ. ସୁଜାତା ମୁଣ୍ଡ, ମୀନା ମୁଣ୍ଡ, ମମତା ପଟ୍ଟନାୟକ, ସଂଘମିତ୍ରା କାନୁନଗୋ, ଶୁଭ୍ରା ପଟ୍ଟନାୟକ, ମିନତି ପ୍ରଧାନ ପ୍ରମୁଖ କବିତା ପାଠ କରିଥିଲେ ।

## ଜୁମଲାଗଡ଼ରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ

**ନୂଆପଡ଼ା, ୧୯ ।୨(ସମିସ):** ନୂଆପଡ଼ା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତ୍ନତତ୍ତ୍ୱ ଓ ସଂଗ୍ରହାଳୟ ବିଭାଗ ତରଫରୁ ସୁନାବେଡ଼ା ଅଭୟାରଣ୍ୟରେ ଅବସ୍ଥିତ ଜୋଙ୍କ ନଦୀ ଅବବାହିକାର ଜୁମଲାଗଡ଼ଠାରେ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ କରାଯାଇଛି । ବିଭାଗୀୟ ମୁଖ୍ୟ ଡ୍. ରଣବୀର ସିଂହଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ହିମାଂଶୁ ଶେଖର ମାହାକୁର, ଯୁକ୍ତ ତିନି ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଗଡ଼ ତଥା ଭଗ୍ନ ପ୍ରାଚୀର ଓ ଭଗ୍ନସ୍ତମ୍ଭଗୁଡ଼ିକର ମାପ ନିଆଯାଇଛି । ଗଡ଼ର ବିଭିନ୍ନ ସ୍ଥାନରୁ ଇଟା ମଧ୍ୟ ସଂଗ୍ରହ କରାଯାଇଛି ।

## ରାମଗଡ଼ ପ୍ରିମିଅର୍ ଲିଗ୍: ଫକିରପୁର୍ ଚାମ୍ପିଅନ

**ହରଭଙ୍ଗା, ୧୯ ।୨(ସମିସ):** ମା ବାଉରୀ କ୍ରିକେଟ ଆସୋସିଏସନ୍ ତରଫରୁ ୪ ଦିନିଆ ଜିଲ୍ଲାସ୍ତରୀୟ ରାମଗଡ଼ ପ୍ରିମିଅର ଲିଗ୍ ଉଦ୍‌ଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ବ୍ୟବସାୟୀ ଲୁଲୁ ସେଠୀ, ପୂର୍ବତନ ସମ୍ପୋଚ ସରପଞ୍ଚ ଦିଲ୍ଲୀପ ପ୍ରଧାନ, ରାମଗଡ଼ ଉଚ୍ଚ ବିଦ୍ୟାଳର ପ୍ରଧାନ ଶିକ୍ଷକ ଶ୍ରୀନିବାସ ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ । ଫାଇନାଲ ମ୍ୟାଚ ରାମଗଡ଼ ଓ ଫକିରପୁର୍ ମଧ୍ୟରେ ଖେଳାଯାଇଥିଲା । ପ୍ରଥମ ମ୍ୟାଚରେ ଫକିରପୁର ୧୫ ଓଭରରେ ୧୦୨ ରନ୍ କରି ରମଗଡ଼କୁ ମାତ୍ର ୪୭ ରନ୍‌ରେ ବାନ୍ଧି ରଖିଥିଲା । ପରବର୍ତ୍ତୀ ୧୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ ରାମଗଡ଼ ଦଳ ୭୯ ରନ୍ କରି ମାତ୍ର ୩ ରନ୍‌ରେ ବିଜୟଲାଭ କରିଥିଲା । ସେହିପରି ୪ ଓଭର ବିଶିଷ୍ଟ ଅନ୍ତିମ ମ୍ୟାଚ୍‌କୁ ଫକିରପୁର ଦଳ ୮ ରନ୍‌ରେ ଜିଣି ୨-୧ରେ ଚାମ୍ପିଅନ ହୋଇଥିଲା । ମ୍ୟାନ ଅଫ ଦ ସିରିଜ ଭାବେ ଚନ୍ଦନ ଭୋକ୍ତା, ବେଷ୍ଟ ବୋଲର ଭାବେ ସାନୁଜ ଭୋକ୍ତା, ଜୁବୁଲି ଭୋକ୍ତା ପ୍ରମୁଖ ପୁରସ୍କୃତ ହୋଇଛନ୍ତି । ଚିତ୍ତରଞ୍ଜନ ଭୋକ୍ତା ଧନ୍ୟବାଦ ଦେଇଛନ୍ତି ।




**■ ନେହରୁ ଯୁବ କେନ୍ଦ୍ରର ବ୍ଲକସ୍ତରୀୟ ସ୍ପୋର୍ଟ୍ସ ମିଟ୍**

## ରାମଗଡ଼ ବିଜୟୀ

**ବୌଦ୍ଧ, ୧୯ ।୨(ସମିସ):** ନେହରୁ ଯୁବ କେନ୍ଦ୍ର ବୌଦ୍ଧ ଓ ମାଁ ବାଉରୀ କ୍ଲବ ରାମଗଡ଼ ଆନୁକୂଲ୍ୟରେ ୧୬ଟି ଟିମ୍‌କୁ ନେଇ ବ୍ଲକସ୍ତରୀୟ ସ୍ପୋର୍ଟ୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି । କ୍ଲବ୍ ସଭାପତି ଭବାନୀ ଶଙ୍କର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ରଞ୍ଜନ ସେଠି, ନେହେରୁ ଯୁବ କେନ୍ଦ୍ରର କର୍ମକର୍ତ୍ତା ମନୋଜ ଭୋକ୍ତା ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ତେଲିବନ୍ଧ ଓ ବାଉଁଶୁଣି ମଧ୍ୟରେ ମ୍ୟାଚ ହୋଇଥିଲା । ଏହି ମ୍ୟାଚରେ ତେଲିବନ୍ଧ ୧.୦ରେ ବାଉଁଶୁଣିକୁ ପରାସ୍ତ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ରଞ୍ଜନ ସିଙ୍ଘ ଓ ଧଳପୁର ମଧ୍ୟରେ ମ୍ୟାଚ ହୋଇଥିଲା । ଏହି ମ୍ୟାଚରେ ରଞ୍ଜନ ସିଙ୍ଘ ବିଜୟୀ ହୋଇଥିଲା । ସମସ୍ତ ଲିଗ ମ୍ୟାଚ ଅତିକ୍ରମ କରି ଫାଇନାଲରେ ରାମଗଡ଼ ଓ ରୟାଲ ଷ୍ଟ୍ରିକର ବୁଢ଼ୀପଦର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଫାଇନାଲରେ ରାମଗଡ଼ ବିଜୟୀ ହୋଇଥିଲା । ମ୍ୟାଚରେ ରେଫରି ଭାବେ ଦଶରଥ ଭୋଇ, ଧନଞ୍ଜୟ କର୍ଣ୍ଣ ପରିଚଳନା କରିଥିଲେ ।



**କହିବ କାହାକୁ ଶୁଣିବ କିଏ ! ତୁଷୁରାକୁ ବାଇପାସ୍ କେବେ ?**

# ଯାତାୟାତ ବିପଦପୂର୍ଣ୍ଣ, ସମସ୍ୟାରେ ଜର୍ଜରିତ ସହରବାସୀ

ତୁଷୁରା, ୧୯।୨(ସମିସ)

ତୁଷୁରା ସହରରେ ଏବେ ଯାତାୟାତ ବିପଦପୂର୍ଣ୍ଣ ହେଉଛି । ଖାଲଖମା ଭର୍ତ୍ତି ରାସ୍ତା ଯୋଗୁଁ ଅନେକ ଦୁର୍ଘଟଣା ଘଟୁଥିବାବେଳେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି ସହର ଭିତରକୁ ଭାରୀଯାନ ପ୍ରବେଶ । ତୁଷୁରା ଏକ ଛୋଟ ସହର ହୋଇଥିଲେ

**ଦୁର୍ଘଟଣାରେ ମୃତ୍ୟୁ ହେଲେ କିଏ ଦାୟୀ ରହିବ ?**

**ଜବରଦଖଲ ଯୋଗୁଁ ସଂକୁଚିତ ହେଉଛି ରାସ୍ତା**

ହେଁ ଗମନାଗମନ ଓ ବ୍ୟବସାୟ ଦୃଷ୍ଟିରୁ ଅନେକ ଗୁରୁତ୍ୱ ବହନ କରେ । ଦିନତମାମ ଲୋକଙ୍କ ଭିଡ ରହେ । ଏଭଳି ସମୟରେ ବେଆଇନ ଭାବରେ ଭାରୀଯାନ ସହର ଭିତରକୁ ପଶିବା ନା କେବଳ ଯାତାୟାତରେ ବାଧା ଉପୁନ୍ନ କରୁଛି, ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଜନମହଲରେ ଅସନ୍ତୋଷ ବୃଦ୍ଧି ପାଉଛି ।

ପ୍ରକାଶ ଯେ ତୁଷୁରା ସହର ଦେଇ ବଲାଙ୍ଗିର, କଳାହାଣ୍ଡି, ସୋନପୁର, ବୌଦ୍ଧ ଜିଲ୍ଲାକୁ ରାସ୍ତା ସଂଯୋଗ ହୋଇଛି । ସେହିଭଳି ଦେଓଗାଁ, ଗୁଡଭେଲା, ସଇଁତଲା, ସୋନପୁର ଜିଲ୍ଲାର ତରଭା, କଳାହାଣ୍ଡି ଜିଲ୍ଲାର କର୍ଲାମୁଣ୍ଡା ବ୍ଲକ ଅଞ୍ଚଳ ଏପରିକି ବୌଦ୍ଧ ଜିଲ୍ଲାର ଲୋକେ ପ୍ରତିଦିନ ତୁଷୁରା ସହର ଉପରେ ନିର୍ଭର କରନ୍ତି । ଏଠାରେ ଥିବା ସ୍କୁଲ କଲେଜକୁ ଏହି ଅଞ୍ଚଳରୁ ଶହଶହ ଛାତ୍ରଛାତ୍ରୀ ପାଠ ପଢ଼ିବାକୁ ଆସନ୍ତି । ତୁଷୁରା ସହରରେ ଖରାପ ରାସ୍ତା ଲୋକଙ୍କ ମୁଖ୍ୟ ସମସ୍ୟା । ଏହାସହ ସହର ଭିତରକୁ ମାଲବାହୀ ଭାରୀଯାନ ଗୁଡିକର ଅବାଧ ପ୍ରବେଶ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି । ସକାଳ ୮ରୁ ୧୨ ଓ ସନ୍ଧ୍ୟା ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ସହରକୁ ଭାରୀଯାନ ପ୍ରବେଶ ଉପରେ କଟକଣା ଲଗାଯାଇଛି । ତଥାପି ନିୟମକୁ ଖିଲାପ କରି ମାଲବାହୀ ଭାରୀଯାନମାନେ ସହର ଭିତରକୁ ପ୍ରବେଶ କରୁଛନ୍ତି । ତୁଷୁରା ସହରରେ ବଢୁଥିବା ଦୁର୍ଘଟଣାକୁ ଦେଖି ସହରକୁ ଭାରୀଯାନ ପଶିବା ଉପରେ କଟକଣା ଲଗାଯାଇଥିଲା । ସହରର ଦୁଇଟି ପ୍ରବେଶ ପଥ କରାଯାଇଥିଲା । ବଲାଙ୍ଗିର ପଟୁ ଆସୁଥିବା ଗାଡି ମହୀପୁର ଛକ ଓ କଳାହାଣ୍ଡି ପଟୁ ଆସୁଥିବା ଗାଡି ପାଇଁ ଧାନଗରାଠାରେ ଚେକ



ପଏଣ୍ଟ କରାଯାଇଛି । ସେହିଭଳି ସୋନପୁର, ବୌଦ୍ଧ ରାସ୍ତାକୁ ସଂଯୋଗ କରୁଥିବା ଚାଣ୍ଟି ପଦର ରାସ୍ତାସ୍ଥିତ କେଡିଆ ମିଲ୍ ପଏଣ୍ଟ ହେଉଛି ସହରକୁ ପ୍ରବେଶ ପଥ । ନୋ-ଏଣ୍ଟ୍ରି ସମୟରେ ଏହି ସମସ୍ତ ସ୍ଥାନରେ ଗାଡି ଗୁଡ଼ିକୁ ଅଟକାଇ ରଖିବା କଥା; କିନ୍ତୁ ତୁଷୁରା ପୁଲିସର ଅପାରଗତା ଯୋଗୁଁ ଭାରୀଯାନ ଡ୍ରାଇଭର ମାନେ ନିୟମକୁ ବେଖାତିର କରି ଦିନବେଳା ସହର ଭିତରକୁ ଗାଡି ଆଣୁଛନ୍ତି । ଏଥିପାଇଁ କେବଳ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି ତାହା ନୁହେଁ, ଲୋକଙ୍କ ଜୀବନ ପ୍ରତି ମଧ୍ୟ ବିପଦ ସୃଷ୍ଟି ହେଉଛି । ପାଖରେ ଥିବା ସହରରେ ଏଭଳି ଅବହେଳା ଯୋଗୁଁ ଦୁର୍ଘଟଣାରେ ଲୋକଙ୍କ ଜୀବନ ଯାଉଥିବା ଦେଖିବାକୁ ମିଳିଛି । ଯଦି ତୁଷୁରାରେ ସେଭଳି ଦୁର୍ଘଟଣା ଘଟେ ଏଥିପାଇଁ ଦାୟୀ କିଏ ରହିବ ତାହା ଏବେ ବଡ ପ୍ରଶ୍ନ । ଏହା ନିଶ୍ଚିତ ଭାବରେ ଗାଡି ମାଲିକ ଓ ପୁଲିସ ମଧ୍ୟରେ ଥିବା ମଧୁର ସମ୍ପର୍କ ଆଡକୁ ଇସାରା କରୁଥିବା ସହରରେ ଚର୍ଚ୍ଚା ହେଉଛି । ତୁଷୁରାରେ ଏକ ବାଇପାସ ନିର୍ମାଣ ପାଇଁ ସହରବାସୀ ଦୀର୍ଘ ଦିନରୁ ଦାବି କରିଆସୁଛନ୍ତି । ଖର୍ଡା, ମହୀପୁର, ସମରା, କପସିଲା ରାସ୍ତା ଦେଇ ଧାନଗରା ପର୍ଯ୍ୟନ୍ତ ଏକ ବାଇପାସ ରାସ୍ତା ନିର୍ମାଣ କରାଗଲେ ଟ୍ରାଫିକ ସମସ୍ୟାକୁ ଏଡାଯାଇପାରିବ । ଏନେଇ ସହରର ବିଭିନ୍ନ ମହଲରୁ ଦାବି ହେଉଛି କିନ୍ତୁ ପ୍ରଶାସନର ଚିନ୍ତା କରୁନାହିଁ । ତୁଷୁରା ସହରରେ ଟ୍ରାଫିକ ସମସ୍ୟାର ଅନ୍ୟ ଏକ କାରଣ ହେଉଛି ଜବରଦଖଲ । ବେଆଇନ ଭାବରେ ଜବରଦଖଲ ବଢୁଥିବାରୁ ସହରର ରାସ୍ତା ସଂକୁଚିତ ହେବାରେ ଲାଗିଛି । ଏସବୁ ସମସ୍ୟାରେ ସହରବାସୀ ଜର୍ଜରିତ ହେଉଥିବାବେଳେ ପୁଲିସ ଓ ପ୍ରଶାସନ ନିରବ ଦର୍ଶକ ସାଜିଛନ୍ତି । ଯଥାଶିଘ୍ର ଏହାର ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ ନକଲେ ଜନସାଧାରଣଙ୍କ ଆକ୍ରୋଶର ଶିକାର ହେବାକୁ ପଡ଼ିବ ବୋଲି ସହରର ଛାତ୍ରଛାତ୍ରୀ, ଯୁବ ଓ ବୁଦ୍ଧିଜୀବୀ ମହଲରୁ ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍

# ଶ୍ରୀଜେସ୍... ଶ୍ରୀଜେସ୍...

ରାଉରକେଲା,୧୯ ।୨(ସମିସ): ସୋମବାର ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଭାରତ ଓ ସ୍ପେନ ମଧ୍ୟରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍‌ରେ ଭାରତ ସଡନ୍ ଡେଥ୍‌ରେ ୮-୭ ଗୋଲରେ ବିଜୟୀ ହୋଇଛି। ୨-୨ ଗୋଲରେ ମ୍ୟାଚ୍ ଅମୀମାଂସିତ ରହିବାରୁ ସୁଟ୍‌ଆଉଟ୍‌ର ସହାୟତା ନିଆଯାଇଥିଲା। ସୁଟ୍‌ଆଉଟ୍‌ରେ ମଧ୍ୟ ମ୍ୟାଚ୍ ୫-୫ ଗୋଲରେ ବରାବର ରହିଥିଲା। ଶେଷରେ ସଡନ ଡେଥ୍‌ରେ ଭାରତ ୮-୭ ଗୋଲରେ ବିଜୟୀ ହୋଇଥିଲା। ତେବେ ସ୍ପେନର ୮ ଟି ଷ୍ଟ୍ରୋକକୁ ଚମତ୍କାର ଭାବେ ଅଟକାଇ ଭାରତକୁ ବିଜୟୀ କରାଇଥିବାରୁ ଗ୍ୟାଲେରୀ ମଧ୍ୟରୁ ଖାଲି ଶ୍ରୀଜେସ୍... ଶ୍ରୀଜେସ୍... କୋଳାହଳ ଶୁଭିଥିଲା।













### ■ ଇଣ୍ଡିଆ ମ୍ୟାଚରେ ଗ୍ୟାଲେରୀ ଫୁଲ୍

ଏଫ୍‌ଆଇଏଚ୍ ପୁରୁଷ ପ୍ରୋ ଲିଗ୍ ମ୍ୟାଚରେ ସୋମବାର ଭାରତୀୟ ଦଳ ମଇଦାନକୁ ଓହ୍ଲାଇଥିଲା। ପ୍ରଥମ ମ୍ୟାଚ ଆୟର୍ଲାଣ୍ଡ ଓ ନେଦରଲାଣ୍ଡସ ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ଭାରତ ଓ ସ୍ପେନ ମଧ୍ୟରେ ହୋଇଥିଲା। ତେବେ ମହିଳା ଦଳ ମ୍ୟାଚ୍‌ଗୁଡ଼ିକରେ ଗ୍ୟାଲେରୀ ଫୁଲ୍ ହେଉ ନ ଥିଲା। ମାତ୍ର ପୁରୁଷ ମ୍ୟାଚରେ ଗ୍ୟାଲେରୀରେ ଦର୍ଶକଙ୍କ ଖଚାଖଚ୍ ଭିଡ଼ ଦେଖିବାକୁ ମିଳିଥିଲା। ଆଜି ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ମ୍ୟାଚ୍ ଦେଖିବାକୁ ଆସିଥିଲେ।

### ■ ଆଙ୍କି ପକାଇଲେ ତ୍ରିରଙ୍ଗା

ହକି ପ୍ରୋ ଲିଗ୍ ଆରମ୍ଭ ହେବା ଦିନଠାରୁ ଲୋକେ ଗାଲରେ ତ୍ରିରଙ୍ଗା ଆଙ୍କି ଚାଲିଥିବା ଦେଖାଯାଇଥିଲା। ମାତ୍ର ଭାରତୀୟ ପୁରୁଷ ଦଳର ମ୍ୟାଚ୍ ଆଜିଠାରୁ ଆରମ୍ଭ ହେବା ନେଇ ତ୍ରିରଙ୍ଗା ଆଙ୍କିବା ବହୁ ମାତ୍ରାରେ ଥିଲା। ଏଥିରେ ଶିଶୁ, ଯୁବପିଢ଼ି ସମେତ ବୟସ୍କମାନେ ମଧ୍ୟ ସାମିଲ ହୋଇଥିଲେ। ଆଜି ଅଧିକ ଲୋକ ତ୍ରିରଙ୍ଗା ଆଙ୍କିଥିବା କୋଲକାତାରୁ ଆସିଥିବା ରଙ୍ଗଶିଳ୍ପୀମାନେ ପ୍ରକାଶ କରିଛନ୍ତି।

### ■ ଗ୍ୟାଲେରୀ ତ୍ରିରଙ୍ଗାମୟ

ଭାରତର ସ୍କୋରିଂ ହେଉ କି ପେନାଲ୍ଟି କର୍ଣ୍ଣର, ସବୁବେଳେ ଗ୍ୟାଲେରୀରେ ଦର୍ଶକଙ୍କ ପକ୍ଷରୁ ତ୍ରିରଙ୍ଗା ଉଡ଼ାଇବା ଦୃଶ୍ୟ କ୍ୟାମେରାରେ ବେଶ୍ କଏଦ୍ ହେଉଥିଲା।

### ■ ୧୦୦, ୨୦୦ ଟଙ୍କିଆ ଟିକଟ ମିଳିଲାନି

ପ୍ରତ୍ୟେକ ଦିନ ଟିକଟ କାଉଣ୍ଟରରେ ସମସ୍ତ ପ୍ରକାରର ଟିକେଟ ଉପଲବ୍ଧ ରହୁଥିଲା। ମାତ୍ର ଆଜି ଲୋକେ ପ୍ରାୟତଃ ୧୦୦, ୨୦୦ ଟଙ୍କିଆ ଟିକଟ ପାଇଁ ଆଶାକରି ଆସିଥିବା ବେଳେ ତାହା ନ ଥିବା ଜଣାପଡ଼ିଥିଲା। କେବଳ ୫୦୦ ଟଙ୍କିଆ ଟିକଟ ଉପଲବ୍ଧ ଥିବା ଜାଣି ଲୋକେ ନିରାଶ ହୋଇଥିଲେ। ବାଧ୍ୟ ହୋଇ ଉକ୍ତ ଟିକଟ କିଣି ଲୋକେ ଖେଳର ମଜା ଉଠାଇଥିଲେ।

### ■ ମଜାନେଲେ ପୁଲିସ୍ କର୍ମଚାରୀ

ଷ୍ଟାଡିୟମ୍ ଗ୍ୟାଲେରୀ ଭିତରେ ସୁରକ୍ଷା ଦାୟିତ୍ୱରେ ପୁଲିସ କର୍ମଚାରୀମାନେ ଥିଲେ। ଭାରତ ମ୍ୟାଚ୍ ଆରମ୍ଭ ହେବା ପରେ ଯେଉଁ ସ୍ଥାନରେ ସେମାନଙ୍କ ଡ୍ୟୁଟି ପଡ଼ିଥିଲା, ସେହି ସ୍ଥାନରୁ ଛିଡ଼ା ହୋଇ ପୁଲିସ କର୍ମଚାରୀମାନେ ଖେଳର ମଜା ଉଠାଇଥିବା ଦେଖିବାକୁ ମିଳିଥିଲା।

### ■ ହାଫ୍ ଟାଇମରେ କମ୍ପିଲା

ଗତ ଦିନର ମ୍ୟାଚ୍‌ଠାରୁ ଆଜିର ମ୍ୟାଚ୍ ଦେଖିବାକୁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି କ୍ରମରେ ଗ୍ୟାଲେରୀ ଫୁଲ୍ ହୋଇଥିଲା। ମ୍ୟାଚର ହାଫ୍ ଟାଇମ୍ ବେଳେ ବିଭିନ୍ନ ବଲିଉଡ୍ ଗୀତ ବାଜିଥିଲା। ଏହାର ତାଳେ ତାଳେ ଲୋକେ ମଧ୍ୟ ଗୀତ ଗାଇ ନାଚିଥିଲେ। ଲୋକଙ୍କ ସ୍ୱରରେ ଷ୍ଟାଡିୟମ କମ୍ପି ଉଠିଥିଲା। ଏପରିକି ଷ୍ଟାଡିୟମ୍ ବାହାରକୁ ମଧ୍ୟ ଗୀତ ଶୁଣାଯାଇଥିଲା।

## ଅନ୍ତର୍ଜାତୀୟ ଗୁଣବତ୍ତା ସମ୍ମିଳନୀରେ ସ୍ୱର୍ଣ୍ଣ ପଦକ ବିଜେତା ସମ୍ବର୍ଦ୍ଧିତ



**ରାଉରକେଲା,୧୯ ।୨(ସମିସ):** ଚୀନ୍‌ର ବେଜିଂଠାରେ ଆୟୋଜିତ କ୍ୱାଲିଟି କଣ୍ଟ୍ରୋଲ୍ ସର୍କଲ୍-୨୦୨୩ର ୪୮ତମ ଅନ୍ତର୍ଜାତୀୟ ସମ୍ମିଳନୀରେ ଆର୍‌ଏସ୍‌ପି ଅକ୍ସିଜେନ୍ ପ୍ଲାଣ୍ଟ ଉଦୟ କ୍ୱାଲିଟି ସର୍କଲ୍ ଦଳ ସ୍ୱର୍ଣ୍ଣ ପଦକ ଜିଣିଛନ୍ତି। ରାଉରକେଲା ଓ ବୋକାରୋ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଦଳର ସଦସ୍ୟମାନଙ୍କୁ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ, ସିଜିଏମ ଆଇରନ ବିଆର ପଲାଇ ଏବଂ ବହୁ ଅନ୍ୟ ସିଜିଏମ୍ ତଥା ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଅକ୍ସିଜେନ ପ୍ଲାଣ୍ଟର ଜିଏମ ଉଲ୍ଲାସ କୁମାର ଭୁଜବଳଙ୍କ ନେତୃତ୍ୱରେ ଗଠିତ ଦଳର ସଦସ୍ୟମାନେ ହେଉଛନ୍ତି ଜୁନିଅର ଅଫିସର ଗୋପାଳ ଚନ୍ଦ୍ର ବଡ଼ଭୂୟାଁ, ଏମଓଏମଟି ଲକ୍ଷ୍ମୀଧର ବରାଳ, ଏମଓଏମଟି ରବିନାରାୟଣ ନାୟକ, ଏସିଟି ନିରଞ୍ଜନ ରାଉତ ଏବଂ ଫେସିଲିଟେଟର, ଜୁନିଅର ଅଫିସର ଏସକେ ପଟେଲ। ଏହି ଦଳର ପ୍ରକଳ୍ପ 'ଏଏସୟୁ-୩ର ମେନ୍ ଏୟାର କମ୍ପ୍ରେସରରେ ହାଇ ଲ୍ୟୁବ୍ ତେଲ ତାପମାତ୍ରା' ସ୍ୱର୍ଣ୍ଣ ପଦକ ଜିତିବାରେ ସାହାଯ୍ୟ କରିଥିଲା। ଏହି ସମ୍ମିଳନୀର ବିଷୟବସ୍ତୁ ଥିଲା ''ଅଭିନବତା ଏବଂ ମହତ୍ତ୍ୱ, ଗୁଣବତ୍ତାର ସୁନ୍ଦରତାକୁ ଆଲୋକିତ କରିବା'।

## ବିଜନେସ କୁଇଜ୍ 'ଉଡ଼ାନ'ରେ ଆରଏସପି ଏଜିଏମ ଜାତୀୟ ଚାମ୍ପିଅନ



ରାଉରକେଲା,୧୯ ।୨(ସମିସ): ରାଉରକେଲା ଇସ୍ପାତ କାରଖାନାର ରିଫ୍ରାକ୍ଟୋରିଜ ବିଭାଗରେ ଏଜିଏମ ଭାବେ କାର୍ଯ୍ୟରତ ସମ୍ପଦ ମିଶ୍ର, ବିଜନେସ୍ କୁଇଜ୍ ଉଡ଼ାନ-୨୦୨୩ରେ ଜାତୀୟ ଚାମ୍ପିଅନ ହୋଇଛନ୍ତି। ଆରଏସପି ଓ ବୋକରୋ ଇସ୍ପାତ କାରଖାନା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, କାର୍ମିକ ଓ ପ୍ରଶାସନ ବିଭାଗ ତଥା ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏକେ ବେହୁରିଆ, ସିଜିଏମ ଆଇରନ ବିଆର ପଲାଇ ଏବଂ ବହୁ ଅନ୍ୟ ସିଜିଏମ୍ ତଥା ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଏଜିଏମ୍ ମିଶ୍ର ୨୦୨୩ ଡିସେମ୍ବର ୨୧ରେ ଆୟୋଜିତ ହୋଇଥିବା ଇଷ୍ଟର୍ଣ୍ଣ ଜୋନାଲ ବିଜନେସ କୁଇଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଗତ ଜାନୁଆରୀ ୭ରେ ଅନୁଷ୍ଠିତ ଜାତୀୟ ଫାଇନାଲରେ ଚାମ୍ପିଅନ ଟାଇଟଲ ହାସଲ କରିଥିଲେ। ଏହି କୁଇଜ ଏମଟିଆଇ ରାଞ୍ଚି ଦ୍ୱାରା ଜାତୀୟ ଏଚଆରଡି ନେଟୱର୍କ ରାଞ୍ଚି ଅଧ୍ୟାୟର ସହଭାଗିତାରେ ଆୟୋଜିତ ହୋଇଥିଲା। ସେଲର ବିଭିନ୍ନ ପ୍ଲାଣ୍ଟ, ୟୁନିଟ୍ ତଥା ଦେଶର ଅନ୍ୟ କର୍ପୋରେଟଗୁଡ଼ିକରୁ ୨୩୮ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିଥିଲେ। ଫାଇନାଲ୍ ପାଇଁ ଯୋଗ୍ୟତା ହାସଲ କରିଥିବା ଶ୍ରେଷ୍ଠ ୮ ଦଳ ମଧ୍ୟରେ ଟିସିଏସ୍, ଏର୍ନଷ୍ଟ ଆଣ୍ଡ ୟଙ୍ଗ, ଭିଲାଇ ଷ୍ଟିଲ୍ ପ୍ଲାଣ୍ଟ, ଫୁଜିତ୍ସୁ, ବାର୍କଲେସ୍, ଆରଆଇଏନଏଲ, କ୍ୟାପଯେମିନି ଏବଂ ଆରଏସପି ସାମିଲ ଥିଲା। କୁଇଜ୍ ସମ୍ପ୍ରତି ବ୍ୟବସାୟ, ପରିଚାଳନା ଧାରଣା, ମାର୍କେଟିଂ, ବ୍ରାଣ୍ଡ, ବ୍ୟବସାୟିକ ବ୍ୟକ୍ତିତ୍ୱ, ବିଜ୍ଞାପନ, ସାମ୍ପ୍ରତିକ ବ୍ୟବସାୟ ଇଭେଣ୍ଟ ଇତ୍ୟାଦି ଉପରେ ଆଧାରିତ ଥିଲା। ପ୍ରଖ୍ୟାତ କୁଇଜ୍ ମାଷ୍ଟର ଅଜୟ ପୁନିଆ କୁଇଜ ସମ୍ପାଦନା କରିଥିଲେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏଜିଏମ୍ ମିଶ୍ର ୨୦୧୪, ୨୦୧୫, ୨୦୧୬ ଏବଂ ୨୦୧୭ରେ ମଧ୍ୟ ଉଡ଼ାନ କୁଇଜ୍ ବିଜେତା ଥିଲେ। କୁଇଜ୍ ପାଇଁ ତାଙ୍କର ପ୍ରବଳ ଆଗ୍ରହ ତାଙ୍କୁ ସାରା ଦେଶରେ ସ୍ୱୀକୃତି ପ୍ରଦାନ କରିବା ସହ ଆର୍‌ଏସ୍‌ପି ପାଇଁ ଗୌରବ ଆଣିଦେଇଛି ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି।

### ସିନର୍ଜି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିରେ ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର, ସିଆରଏମ-ଏସଏସଏମ ଏବଂ ପିପି ଦଳ

**ରାଉରକେଲା,୧୯ ।୨(ସମିସ):** ସିନର୍ଜି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୪ରେ ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର ଦଳ ଓ ସିଆରଏମ, ଏସଏସଏମ ଏବଂ ପିପି ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ସୋମବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର ଦଳ ସିଣ୍ଟର ଦଳକୁ ୪ ୱିକେଟରେ ପରାସ୍ତ କରିଥିଲା। ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିବା ସିଣ୍ଟର ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ୱିକେଟ ହରାଇ ୧୦୫ ରନ କରିଥିଲା। ଦଳ ପକ୍ଷରୁ ମୋହନ କୁମାର ଜେନା ୪୬ ବଲରୁ ୫୩ ରନ କରି ଅପରାଜିତ ରହିଥିଲେ। ଜବାବରେ ଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର ଦଳ ୧୪.୧ ଓଭରରେ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲା। ବ୍ୟକ୍ତିଗତ ୪୦ ରନ କରିବା ସହ ୨ଟି ୱିକେଟ ହାସଲ କରିଥିବା ବିକାଶ ବିଶ୍ୱାଳଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଦ୍ୱିତୀୟ କ୍ୱାର୍ଟର୍ ଫାଇନାଲ ମ୍ୟାଚ୍ ସିଆରଏମ, ଏସଏସଏମ ଏବଂ ପିପି ଦଳ ଓ କୋଲ ଆଣ୍ଡ କୋକ ଦଳ ମଧ୍ୟରେ ଖେଳାଯାଇଥିଲା। କୋଲ ଆଣ୍ଡ କୋକ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ୍ ହରାଇ ୧୧୮ ରନ୍ ସଂଗ୍ରହ କରିଥିଲା। ସିଆରଏମ, ଏସଏସଏମ ଏବଂ ପିପି ଦଳ ୧୨.୪ ଓଭରରେ ୨ ୱିକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରିଥିଲା। ଦଳର ଜ୍ୟୋତିର୍ମୟୀ ଗୟାନ ୪୦ ରନ୍ ସହ ୪ଟି ୱିକେଟ ଦାଖଲ କରିଥିବାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ।



## ଜିଲ୍ଲାର ଦୁଇ ଅନୁଷ୍ଠାନକୁ ସ୍ୱାଭିମାନ ସମ୍ମାନ



**ସୁନ୍ଦରଗଡ଼,୧୯ ।୨(ସମିସ):** ଭୁବନେଶ୍ୱରସ୍ଥିତ ବୁଲନ ଭାଇ ସେବା ଭବନ ପରିସରରେ ଆୟୋଜିତ ଟିଆର୍‌ଓ-୨୪ ନିଉଜର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ସୁନ୍ଦରଗଡ଼ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଯୋଗୀମାଲ ଜନସେବା ସମିତି ଏବଂ ରାଜପୁର ଗୀତାଞ୍ଜଳି ଶିଶୁ ବିଦ୍ୟା ମନ୍ଦିରକୁ ସ୍ୱାଭିମାନ ସମ୍ମାନରେ ସମ୍ମାନିତ କରାଯାଇଛି। ରାଜ୍ୟସଭା ସାଂସଦ ମୁଜିବୁଲ୍ଲା ଖାଁ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, କଣ୍ଠଶିଳ୍ପୀ ଋତୁପର୍ଣ୍ଣା ରାଉତରାୟ, ମଧୁବାବୁ ପେନସନ ଯୋଜନା ଅଧ୍ୟକ୍ଷ ଅସିତ୍ ପଟ୍ଟନାୟକ, ବରିଷ୍ଠ ସାହିତ୍ୟିକ ସତ୍ୟ ପ୍ରକାଶ ସେଠୀ, ଜଗାକାଳିଆ ଶ୍ରମିକ ସଂଘ ସଭାନେତ୍ରୀ ଶାନ୍ତିଲତା ରାଉତ ପ୍ରମୁଖ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲାର ଏହି ଦୁଇ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା।

## ମୋବାଇଲ ଦୋକାନରୁ ଚୋରି

ସୁନ୍ଦରଗଡ଼,୧୯ ।୨(ସମିସ): ହେମଗିରି ଥାନା ବାଲିଯୋରୀ ଗ୍ରାମର ଏକ ମୋବାଇଲ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ପେଟ୍ରିକ କୁଲୁ ତାଙ୍କ ଘର ନିକଟରେ ଏକ ମୋବାଇଲ ଦୋକାନ କରିଛନ୍ତି। ସୋମବାର ସକାଳେ ସେ ଦୋକାନ ଖୋଲିବାକୁ ଯାଇ ଦୋକାନରୁ ୭ଟି ମୋବାଇଲ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଚୋରମାନେ ଦୋକାନ ଘରର ଭେଣ୍ଟିଲେଟର ଭାଙ୍ଗି ଭିତରକୁ ପଶିଥିବା ଜଣାପଡ଼ିଛି। ଏ ନେଇ ପେଟ୍ରିକ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗଣିତ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ସୁନ୍ଦରଗଡ଼,୧୯ ।୨(ସମିସ): ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଗଣିତ ବିଭାଗ ଆନୁକୂଲ୍ୟ ତଥା ଆଇକ୍ୟୁଏସି ସହଭାଗିତାରେ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲଳିତ ରଞ୍ଜନ ସାହୁ ଏଥିରେ ସଭାପତିତ୍ୱ କରି ଆଲୋଚନାଚକ୍ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇକ୍ୟୁଏସି ସଂଯୋଜକ ତଥା ଗଣିତ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଆଲୋକ କୁମାର ନାଏକ ଆଲୋଚନାର ଶୀର୍ଷକ ବିଷୟରେ ସୂଚନା ପ୍ରଦାନ କରିଥିଲେ। ବିଷୟ ବିଶେଷଜ୍ଞ ଭାବେ ନାଇଜର ଭୁବନେଶ୍ୱରର ପ୍ରଫେସର ଡ. ତୁଷାରକାନ୍ତ ନାଏକ ଯୋଗଦେଇ ବର୍ତ୍ତମାନ ସମୟରେ ଗ୍ରୁପ୍ ଥିଓରୀର ଗୁରୁତ୍ୱ ଏବଂ ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଏବଂ ବସ୍ତୁ ବିଜ୍ଞାନର ଉପଯୋଗିତା ସମ୍ପର୍କରେ ବୁଝାଇଥିଲେ। ତାଙ୍କ ସହିତ ଛାତ୍ରଛାତ୍ରୀମାନେ ବିଷୟ ସମ୍ପର୍କିତ ଗବେଷଣାର ବିଭିନ୍ନ ଦିଗ ଉପରେ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରିଥିଲେ। ଗଣିତ ବିଭାଗ ସହକାରୀ ପ୍ରଫେସର ଡ. କେଦାରନାଥ ବୁଡ଼ା ଆଲୋଚନାଚକ୍ର ପରିଚାଳନା କରିଥିବା ବେଳେ ଗଣିତ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ୯ମ ଓ ୧୦ମ ବ୍ୟାଚ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ



**ରାଉରକେଲା,୧୯ ।୨(ସମିସ):** ସ୍ଥାନୀୟ ବିଶ୍ରା ବ୍ଲକ ଟୁସୁ ଭବନରେ ୟୁଏମଆଇଡି କାବା ଏମ୍ ଡିଟିପି କମ୍ପ୍ୟୁଟର ସେଣ୍ଟର ପକ୍ଷରୁ ଏହାର ୯ମ ଓ ୧୦ମ ବ୍ୟାଚର ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ ନିମନ୍ତେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ପ୍ରଦୀପ ରାଉତରାୟ ମୁଖ୍ୟଅତିଥି, ସୁବୋଧ ରାଉତରାୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବରାଳ ମୁଖ୍ୟବକ୍ତା ଓ ବିଶ୍ରା ଆଇଟିଆଇ ଅଧ୍ୟକ୍ଷ ଏମଏମ୍ ବେଜ୍ ସମ୍ମାନିତ ଅତିଥି ଭାବେ ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପକ ଏସଏ ନଦିମଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଶ୍ୟାମଲାଲ ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା ଶିବିର



**ସୁନ୍ଦରଗଡ଼, ୧୯ ।୨(ସମିସ)**

## ● ଗିରଙ୍ଗକେଲା ଗ୍ରାମ ପଞ୍ଚାୟତ

ଲେଫ୍ରିପଡ଼ା ବ୍ଲକ ଗିରିଙ୍ଗକେଲା ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା-ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ବୈଷ୍ଣବ ମାଝୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଲୋକେ ଏହାର ସୁବିଧା ନେବାକୁ ପରାମର୍ଶ ଦେଇଥିଲେ। ବିଡିଓ ଆତସୀ ପରିଡ଼ା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବିଭିନ୍ନ ସରକାରୀ ବିଭାଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଷ୍ଟଲ୍ ପ୍ରଦର୍ଶନ କରାଯାଇ ବିଭାଗୀୟ କାର୍ଯ୍ୟକ୍ରମ ଏବଂ ଜନହିତକର କାର୍ଯ୍ୟ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ବୃଷଭାନୁ ଭୋଇ, ଲେଫ୍ରିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସୁଜିତ କୁମାର ନାଏକ, ଏଏଫ୍ଓ ଜ୍ୟୋତିର୍ମୟୀ ଦାସ, ସରପଞ୍ଚ ନୀଳମଣି ମାଝୀ, ସମିତି ସଭ୍ୟା କେତକୀ ନାଏକ, ଏଏଓ ସସ୍ମିତା ମୁର୍ମୁଙ୍କ ସମେତ ପଞ୍ଚାୟତ ସ୍ୱୟଂ ସହାୟକ ଗୋଷ୍ଠୀ ମହାସଂଘ କର୍ମକର୍ତ୍ତା ଓ ମିଶନ ଶକ୍ତି ବିଭାଗ ଅଧିକାରୀ ଯୋଗଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଲିଟୁନ ମହାନନ୍ଦିଆ ଶିବିର ପରିଚାଳନା କରିଥିଲେ।

## ● ଟାଙ୍ଗରଗାଁ ଗ୍ରାମ ପଞ୍ଚାୟତ

ସବଡେଗା ବ୍ଲକ ଟାଙ୍ଗରଗାଁ ପଞ୍ଚାୟସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ସରପଞ୍ଚ ଅଜିତ କିସପଟ୍ଟାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଚେତନତା ଶିବିରରେ ବିଡିଓ ସାଗର ଚନ୍ଦ୍ର ମୁର୍ମୁ ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପଞ୍ଚାୟତ ନିର୍ବାହ ଅଧିକାରୀ ଅରବିନ୍ଦ ପାଣ୍ଡେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ରୋହିତ କୁମାର କିରୋ, ସମିତି ସଭ୍ୟ ନିରନ୍ତର ବାର୍ଲା, ବଡ଼ବାବୁ ଧ୍ରୁବ କେରକେଟା, ବ୍ଲକ ଉପାଧ୍ୟକ୍ଷ ସୁକାନ୍ତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ବିଭାଗର ଅଧିକାରୀ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ଶିବିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।





## ● କନ୍ଦେଇମୁଣ୍ଡା ଗ୍ରାମ ପଞ୍ଚାୟତ

**କୁତ୍ରା:** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ କନ୍ଦେଇମୁଣ୍ଡା ପଞ୍ଚାୟତ ପ୍ରାଙ୍ଗଣରେ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୋଡାଲ ଅଫିସର କୁତ୍ରା ଏବିଡିଓ ଲିଲି ସଞ୍ଜିତା ମିଞ୍ଜଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ମଙ୍ଗଳା କିଶାନ, ସମ୍ମାନିତ ଅତିଥି ଭାବେ ଅମରେଶ ପଣ୍ଡା, ଜିତେନ୍ଦ୍ର ଦାସ, ତୁନମୁରା ସରପଞ୍ଚ ତରଣୀସେନ ବରିହା, ତୁନମୁରା ସମିତିସଭ୍ୟା କୁର୍ଦୁଲା କୁଲ୍ଲୁ, ରଜାବସା ସରପଞ୍ଚ ନିରୁପମା ମାଝୀ, ରଜାବସା ସମିତିସଭ୍ୟ ପ୍ରଶ୍ନ ବାଘ ଯୋଗଦେଇଥିଲେ। କନ୍ଦେଇମୁଣ୍ଡା ସରପଞ୍ଚ ସୁଧୀର ମିଞ୍ଜ ଅତିଥି ପରିଚୟ ପ୍ରଦାନ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। କନ୍ଦେଇମୁଣ୍ଡା କାର୍ଯ୍ୟନିର୍ବାହୀ ଅଧିକାରୀ କେଶବ ଚନ୍ଦ୍ର ସାହୁ, ଜିଆରଏସ ନିର୍ମଳା ସିଂ, ସମିତିସଭ୍ୟ ରାଜକୁମାର ମାଝୀ, ରଞ୍ଜିତ ଏକ୍କା, ପ୍ରଦୀପ ଖାଖା, ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର ଓ ଗାଁ ସାଥୀ ସହଯୋଗ କରିଥିଲେ। ଏହି ଅବସରରେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୃଷି ବିଭାଗ, ଲ୍ୟାମ୍ପ୍ସ ଓ ଆଇସିଡିଏସ ତରଫରୁ ଲୋକଙ୍କୁ ସଚେତନ କରିବା ପାଇଁ ଷ୍ଟଲ ଲଗାଯାଇଥିଲା। କନ୍ଦେଇମୁଣ୍ଡା ପଞ୍ଚାୟତର ବିଭିନ୍ନ ଏସଏଚଜି ମା'ମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବିଭିନ୍ନ ଖାଦ୍ୟ, ମିଠା, ପିଠା, ଖଳିଦନା ଓ ପୂଜା ସାମଗ୍ରୀ ଷ୍ଟଲ ଲଗାଯାଇଥିଲା। କନ୍ଦେଇମୁଣ୍ଡା ପଞ୍ଚାୟତର ସମସ୍ତ ଏସଏଚଜି ସଦସ୍ୟା, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଅଲେଖ ମହିମା ମଠ ବିଶ୍ରାମ ସ୍ଥଳୀର ଶିଳାନ୍ୟାସ



**ବାଲିଶଙ୍କରା, ୧୯ ।୨(ସମିସ):** ବାଲିଶଙ୍କରା ବ୍ଲକ ତୁମୁଲିଆ ବାବିପଡ଼ାସ୍ଥିତ ଅଲେଖ ମହିମା ମଠ ପରିସରରେ ବାର୍ଷିକ ବ୍ରହ୍ମଯଜ୍ଞ ଅବସରରେ ସାଧୁସନ୍ଥଙ୍କ ରହଣି ପାଇଁ ଏକ ବିଶ୍ରାମସ୍ଥଳୀ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ବିନୟ ଟପ୍ପୋ ମୁଖ୍ୟଅତିଥିଭାବେ ଯୋଗଦେଇ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଅନ୍ତର୍ଗତ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ବିଶ୍ରାମସ୍ଥଳୀର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ବ୍ଲକ ବିଜେଡି ସଭାପତି କେଶବ ରଣା, ଶଙ୍କର ବାବା, କ୍ଷେତ୍ରବାସୀ ବାବା, ମୋହନ ଆପଟ, ହୀରାଧର ମହାକୁଲ, କ୍ଷେତ୍ରଚନ୍ଦ୍ର ବାରିକ, ବିରଞ୍ଚି ଖିଲାରଙ୍କ ସମେତ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# କେନ୍ଦୁପତ୍ର ରେଞ୍ଜରେ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ



**ବାଲିଶଙ୍କରା, ୧୯ ।୨(ସମିସ):** ବାଲିଶଙ୍କରା ବ୍ଲକ କେନ୍ଦୁପତ୍ର ରେଞ୍ଜ ପରିସରରେ ବନାଞ୍ଚଳସ୍ତରୀୟ ସ୍ଥାୟୀ ଅସ୍ଥାୟୀ ସିଜନାଲ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ରୂପେ ରାଉରକେଲା ଡିଏଫଓ ଗୋକୁଳ ଚନ୍ଦ୍ର ପାଇକ ଯୋଗଦେଇ ନଡ଼ିଆ ଭାଙ୍ଗି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ରେଞ୍ଜର ଜୟଶ୍ରୀ ପ୍ରିୟଦର୍ଶିନୀ, ପୂଜାରାଣୀ ଜ୍ୟୋତି ପ୍ରଶିକ୍ଷଣ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଦିଲୀପ ନାଏକ, ଯୋଗେଶ ପ୍ରତାପ ସିଂ, ଭବାନୀ ଶଙ୍କର ଦାସ, ଗିରିଧାରୀ ବାଡ଼ା, ଇସଦର ବିଦ୍ୟା ପ୍ରମୁଖ ଯୋଗଦେଇଥିଲେ। ସମସ୍ତ ମୁନସୀ, ଚେକର ଓ ଋତୁକାଳୀନ କର୍ମଚାରୀ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଦିଲୀପ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# କାର୍ଯ୍ୟରତ ପାଚିକାମାନଙ୍କୁ ଡିଏମ୍ଏଫ୍‌ରେ ନିଯୁକ୍ତି ଦାବି




**ସୁନ୍ଦରଗଡ଼, ୧୯ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲାରେ କାର୍ଯ୍ୟରତ ପାଚିକାମାନଙ୍କୁ ଡିଏମଫ୍ ଦ୍ୱାରା ପରିଚାଳିତ ହେବାକୁ ଥିବା ନବମ ଓ ଦଶମ ଶ୍ରେଣୀର ମଧ୍ୟାହ୍ନଭୋଜନ ପାଚିକା ଭାବେ ନିଯୁକ୍ତ କରିବାକୁ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଂଘ ଦାବି କରିଛି। ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭାନେତ୍ରୀ ଗୁଲାପି ବନଛୋର ଓ ରାଜ୍ୟ କାର୍ଯ୍ୟକାରୀ ସଭାପତି କମଳ କୁମାର ଷଣ୍ଢଙ୍କ ନେତୃତ୍ୱରେ ସୋମବାର ଏ ନେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ ସୁନ୍ଦରଗଡ଼ ଜିଲ୍ଲାରେ ଡିଏମ୍‌ଏଫରୁ ନବମ ଓ ଦଶମ ଶ୍ରେଣୀରେ ନୂତନ ପାଚିକା ନିଯୁକ୍ତି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଣୁ ପୂର୍ବରୁ ଉକ୍ତ ସ୍କୁଲରେ କାମ କରୁଥିବା ପାଚିକାମାନଙ୍କୁ ହିଁ ରନ୍ଧନ ଦାୟିତ୍ୱ ଦିଆଯାଇ ଅଧିକ ପରିଶ୍ରମିକ ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଇଲିସିବା ଆଇନ୍ଦ, ବାସନ୍ତି ସାହୁ, ସାବିତ୍ରୀ ପଟେଲ, ଆରତୀ ସାହୁ, ଗୀତା ସା, ସୂର୍ଯ୍ୟ ବେହେରା, ପ୍ରଭାତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମାଗଣା ଚକ୍ଷୁ ପରୀକ୍ଷା ଶିବିର

**ବାଲିଶଙ୍କରା, ୧୯ ।୨(ସମିସ):** ସାମାଜିକ ସଂସ୍ଥା 'ଏମଏସଡିଆନ୍ସ ଆସୋସିଏସନ ଅଫ ଓଡ଼ିଶା'ର ଔପଚାରିକ ଗଠନ ଦିବସରେ ବାଲିଶଙ୍କରା ବ୍ଲକ କୁରେଇ ପଞ୍ଚାୟତ ଗଇକନପାଲି ଗ୍ରାମରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଛି। ରୋଟାରୀ ହସ୍ପିଟାଲ୍ ଓ ଏମଏସଡିଆନ୍ସ ଆସୋସିଏସନ ଅଫ୍ ଓଡ଼ିଶାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଭାବେ ଏହି ଶିବିର ଆୟୋଜିତ ହୋଇଥିଲା। ଏମଏସଡିଆନ୍ସ ଆସୋସିଏସନ ଅଫ ଓଡ଼ିଶାର ହିମାଂଶୁ ସିଣ୍ଟ ନେତୃତରେ ଅନ୍ୟ ସଦସ୍ୟମାନେ ଶିବିର ପରିଚାଳନା କରିଥିଲେ। ମୁଖ୍ୟଅତିଥି ରୂପେ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ସିଂହ, ସମ୍ମାନିତ ଅତିଥି ରୂପେ ଶିକ୍ଷକ ଅଶୋକ ନନ୍ଦ, ଜଗମୋହନ ସିଂହ, ଫକୀର ସିଂହ ପ୍ରମୁଖ ଯୋଗଦେଇଥିଲେ। ଗଇକନପାଲି ଗ୍ରାମ ଜୟ ଜଗନ୍ନାଥ କ୍ଲବ ସଦସ୍ୟ ଅତୁଲ ସିଂହ, ଶ୍ରୀକାନ୍ତ ସିଂହ, ଆକାଶ ସିଂହ, ବିମଳ ସିଂହ, ଈଶ୍ୱର ସିଂହ, ଗଣେଶ ସିଂହ, ପ୍ରହଲ୍ଲାଦ ସିଂହ, ଦୁର୍ଗା ଗହିର ଓ ରାମପୁର ପଞ୍ଚାୟତର ଲିପୁନ ସାହୁ, ବିବେକ ବାଗ, ଦୀପକ ବାଗ, କରନ କାଲୋ ସହଯୋଗ କରିଥିଲେ। ଶିବିରରେ କୁରେଇ ଓ ରାମପୁର ପଞ୍ଚାୟତର ଶତାଧିକ ଲୋକଙ୍କ ଚକ୍ଷୁ ପରୀକ୍ଷା




କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨୦ଜଣ ମୋତିଆବିନ୍ଦୁ ରୋଗୀଙ୍କୁ ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱରସ୍ଥିତ ମେଡିକାଲ ନିଆଯାଇଛି। ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଏମ୍ଏସ୍ ଧୋନୀଙ୍କ ପ୍ରଶଂସକଙ୍କ ଦ୍ୱାରା ତାଙ୍କ ନାମରେ ଗଠିତ ଏହି ସଂଗଠନ ସମାଜର ଉନ୍ନତି ଦିଗରେ କାର୍ଯ୍ୟକ୍ରମ କରାଯାଉଛି।

# ଭାରତୀୟ ବରିଷ୍ଠ ମହିଳା ହକି ଦଳରେ ପ୍ରତିନିଧିତ୍ୱ କରୁଛନ୍ତି ବୀର ବିର୍ସା ମୁଣ୍ଡା ସୀମାନ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଛାତ୍ରୀ



**କୁତ୍ରା, ୧୯ ।୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଗଇରବାହଲ ବୀର ବିର୍ସା ମୁଣ୍ଡା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ +୨ ଦ୍ୱିତୀୟ ବର୍ଷ ପାଠ ପଢ଼ୁଥିବା ସୁନେଲିତା ଟପ୍ପୋ ଭାରତୀୟ ବରିଷ୍ଠ ମହିଳା ହକି ଦଳରେ ପ୍ରତିନିଧିତ୍ୱ କରୁଛନ୍ତି। ସେ ବର୍ତ୍ତମାନ +୨ ଦ୍ୱିତୀୟ ବର୍ଷ ପରୀକ୍ଷା ଦେଉଛନ୍ତି। ପରୀକ୍ଷା ଦେବା ପରେ ସେ ପୁଣି ଦଳରେ ଯୋଗ ଦେଇଛନ୍ତି। ସୁନେଲିତାଙ୍କ ଘର ରାଜଗାଙ୍ଗପୁର ବ୍ଲକ କୁକୁଡ଼ା ଗ୍ରାମରେ। ତାଙ୍କୁ ଏବେ ମାତ୍ର ୧୮ ବର୍ଷ ବୟସ ହୋଇଛି। ପିଲାଦିନୁ ସେ ପାଠପଢ଼ା ସହ ହକି ଖେଳ ପ୍ରତି ବେଶ୍ ରୁଚି ରଖୁଥିଲେ। ସୁନ୍ଦରଗଡ଼ସ୍ଥିତ ସାଇ କ୍ରୀଡ଼ା ଛାତ୍ରାବାସରେ ରହି ହକି ପ୍ରଶିକ୍ଷଣ ନେବା ପରେ ଜାତୀୟ କନିଷ୍ଠ ଅନ୍ତର୍ଜାତୀୟ ଖେଳରେ ଭାରତର ପ୍ରତିନିଧିତ୍ୱ କରିବାରୁ ପାଠପଢ଼ା ପ୍ରତି ଅଧିକ ଧ୍ୟାନ ଦେଇପାରୁ ନ ଥିଲେ। ଚଳିତ ମହିଳା ପ୍ରୋ ଲିଗରେ ସେ ବରିଷ୍ଠ ହକି ଦଳରେ ପ୍ରତିନିଧିତ୍ୱ କରିଛନ୍ତି। ଏହା ସହିତ ଶନିବାରଠାରୁ ଆରମ୍ଭ ହୋଇଥିବା ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ପରୀକ୍ଷା ମଧ୍ୟ ଦେଉଛନ୍ତି। ଶନିବାର ସେ ଗଇରବାହାଲଠାରେ ଥିବା ବୀର ବିର୍ସା ମୁଣ୍ଡା ସୀମାନ୍ତ ଉଚ୍ଚ ମାଧ୍ୟମିକ ସ୍କୁଲରେ ସାହିତ୍ୟ ପରୀକ୍ଷା ଦେଇଥିଲେ। ସେ ବର୍ତ୍ତମାନ ପ୍ରୋ ଲିଗ ହକି ପରେ ସମୟ ଥିବାରୁ ନିଜ ଶିକ୍ଷାଗତ ଯୋଗ୍ୟତା ବଢ଼ାଇବା ପାଇଁ ଇଚ୍ଛୁକ ଥିବାରୁ +୨ ପରୀକ୍ଷା ଦେଉଥିବା କହିଛନ୍ତି।

# ଦୁର୍ଗାବାହିନୀର ପ୍ରଖଣ୍ଡ ବୈଠକ

**ସୁନ୍ଦରଗଡ଼, ୧୯ ।୨(ସମିସ):** ସ୍ଥାନୀୟ ରାଜବାଟୀ ଜଗନ୍ନାଥ ମନ୍ଦିର ପରିସରରେ ଦୁର୍ଗାବାହିନୀର ସୁନ୍ଦରଗଡ଼ ନଗର ପ୍ରଖଣ୍ଡ ବୈଠକ ଅନୁଷ୍ଠିତ ହୋଇଛି। ଦୁର୍ଗାବାହିନୀର ପ୍ରାନ୍ତ ଶକ୍ତିସାଧନା ପ୍ରମୁଖ କଳ୍ପନା କିଷାନ ଏଥିରେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ହିନ୍ଦୁ ଝିଅମାନଙ୍କ ପ୍ରତି ଦେଖାଦେଇଥିବା ବିପଦ ଓ ଏହାର ନିରାକରଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ଦୁର୍ଗାବାହିନୀର ସୁନ୍ଦରଗଡ଼ ନଗର ପ୍ରଖଣ୍ଡ ସମିତି ଗଠନ କରାଯାଇଥିଲା। ନଗର ପ୍ରଖଣ୍ଡ ସଂଯୋଜିକା ଆଦିଶା ନାଏକ, ସହ ସଂଯୋଜିକା ରୋଜି ଦାସ ଓ ସନି ଶର୍ମା, ଶକ୍ତି ସାଧନା ପ୍ରମୁଖ ମଧୁସ୍ମିତା ଭିତ୍ରିଆ, ମିଳନ କେନ୍ଦ୍ର ପ୍ରମୁଖ କବିତା ଗିରି ଓ ସଞ୍ଜନା ଶର୍ମା, ଶିକ୍ଷାର୍ଥୀ ପ୍ରମୁଖ ମନିଷା ବାଘ ଓ ସ୍ନେହା ଗୁରୁ ରହିଛନ୍ତି। ଆଗାମୀ ଦିନରେ ସୁନ୍ଦରଗଡ଼ ସହରର ପ୍ରତ୍ୟେକ ୱାର୍ଡରେ ଦୁର୍ଗାବାହିନୀର ସମିତି ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଅବସରରେ ବଜରଙ୍ଗ ଦଳର ଜନାର୍ଦ୍ଦନ ପାଣିଗ୍ରାହୀ ଏବଂ ସଙ୍କେତ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।



# କ୍ରିକେଟ ଟୁର୍ଣ୍ଣାମେଣ୍ଟ; ରାଏଡିହି ଚାମ୍ପିଅନ

**ସୁନ୍ଦରଗଡ଼/ବାଲିଶଙ୍କରା, ୧୯ ।୨(ସମିସ):** ବାଲିଶଙ୍କରା ବ୍ଲକ କୁସୁମୁରା ପଞ୍ଚାୟତ ରାଏଡିହି ଚର୍ଚ୍ଚ ଖେଳପଡ଼ିଆରେ ୫ ଦିନ ଧରି ଚାଲିଥିବା ରାଏଡିହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ ଦଳ ଅଂଶଗ୍ରହଣ କରିଥିଲେ। ରାଏଡିହି ଓ ତଳସରା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ବିଜୟୀ ହୋଇ ରାଏଡିହି ଚାମ୍ପିଅନ ହୋଇଛି। ଅମ୍ପାୟର ଭାବେ ତୁଷାର କଉଡ଼ି ଓ ଦିବ୍ୟ ଷଣ୍ଢ ମ୍ୟାଚ୍ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ଧ୍ରୁବ କାଲୋ ଯୋଗଦେଇ କହିଲେ, ରାଏଡିହି ଗ୍ରାମରେ ଗତ ୩୦ ବର୍ଷ ହେଲା ଏହି ଟୁର୍ଣ୍ଣାମେଣ୍ଟ ହୋଇଆସୁଥିଲେ ମଧ୍ୟ ଖେଳପଡ଼ିଆର ଉନ୍ନତି ହୋଇପାରି ନାହିଁ। ଏଣୁ ସରକାର ଏଥିପ୍ରତି ବିଶେଷ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଥଲେ। ସମ୍ମାନିତ ଅତିଥି ରୂପେ କଳିନ୍ଦ୍ର କାଲୋ, ମହେଶ୍ୱର ବୁଢ଼ା ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିଅନ ରାଏଡିହି ଦଳର ଅଧିନାୟକ ସୁଜିତ ଟେଟେ ଓ ରନର୍ସଅପ୍ ତଳସରାର ଅଧିନାୟକ ପ୍ରମୋଦ କୁଲୁ ମୁଖ୍ୟଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରିଥଲେ।



# ମେଡିକାଲ କଲେଜର ନାମକରଣ ଓ ଆମ୍ବେଦକର ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ସୁନ୍ଦରଗଡ଼, ୧୯ ।୨(ସମିସ):** ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାକୁ ସ୍ୱାଧୀନତା ସଂଗ୍ରାମୀ ଦ୍ୱାରିକାନାଥ କୁସୁମଙ୍କ ନାମରେ ନାମିତ କରିବାକୁ ସୋମବାର ସୁନ୍ଦରଗଡ଼ ଜିଲ୍ଲା ଲକ୍ଷେ ଘର ସମାଜ ସଂଘ ପକ୍ଷରୁ ଦାବି ଦୋହରାଯାଇଛି। ସେହିପରି ସୁନ୍ଦରଗଡ଼ ସହରର ଯେ କୌଣସି ଛକରେ ସମ୍ବିଧାନ ପ୍ରଣେତା ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତି ସ୍ଥାପନ ପାଇଁ ହୋଇ ଆସୁଥିବା ଦାବିକୁ ମଧ୍ୟ ପୁନର୍ବାର ଉପସ୍ଥାପନ କରାଯାଇଛି। ସଂଘ ସଭାପତି ପ୍ରଫୁଲ୍ଲ ସୁନାନୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଦ୍ୱାରିକାନାଥ କୁସୁମ ସୁନ୍ଦରଗଡ଼ର ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଇଂରେଜ ଶାସନ କାଳରେ ଜେଲରେ ମଧ୍ୟ ରହି ସଂଗ୍ରାମ ଜାରି ରଖିଥିଲେ। ଦେଶ ସ୍ୱାଧୀନ ହେବା ପରେ ସେ ଜିଲ୍ଲାର ପ୍ରଥମ ବିଧାୟକ ହୋଇଥିଲେ। ଏଣୁ ଏହି ମହାପୁରୁଷଙ୍କ ନାମରେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାର ନାମକରଣ କରିବାକୁ ସଂଘ ପୁନର୍ବାର ଦାବି କରିଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ସଂଘ କାର୍ଯ୍ୟକାରୀ ସଭାପତି ଲବଣୀଧର ବାଗ, ସାଧାରଣ ସମ୍ପାଦକ ଲଳିନ୍ଦ୍ର ସିଂ, ଉପସଭାପତି ରାଜା କାକ, ଉପଦେଷ୍ଟା ବିଶ୍ୱଜିତ ତନ୍ତୀ, ନଗର ସଭାପତି ସୁନୀଲ ମହାନନ୍ଦିଆ, ସମ୍ପାଦକ ମହେଶ ତନ୍ତୀଙ୍କ ସମେତ ଅମିତ୍ ପାଣ୍ଡବ, ବୈରାଗୀ ପୋଡ଼, ଖିତିଶ ତନ୍ତୀ, ମନୋଜ ଗର୍ଡ଼ିଆ, ହଳଧର ମହାନନ୍ଦିଆ ବୁଦ୍ଧଦେବ କଣ୍ଟା, ଦିବ୍ୟଲୋଚନ ଶାସନୀ ପ୍ରମୁଖ ଉପସ୍ଥିତ ଥିଲେ।



● ଲକ୍ଷେ ଘର ସମାଜ ସଂଘ ପକ୍ଷରୁ ସ୍ମାରକପତ୍ର

# ତାଲିମ ଓ ପ୍ରୋତ୍ସାହନ ଦ୍ୱାରା ଜିଆଖତ ଉଦ୍ୟୋଗୀ ସୃଷ୍ଟି ସମ୍ଭବ

**ସୁନ୍ଦରଗଡ଼, ୧୯ ।୨(ସମିସ)**

ଗ୍ରାମୀଣ ଶିକ୍ଷିତ ଯୁବକ ଯୁବତୀଙ୍କୁ ଉଦ୍ୟୋଗୀ କରିବା ଓ ରୋଜଗାରର ପନ୍ଥା ଭାବେ ଜିଆଚାଷ ଓ ଜିଆଖତ ଉତ୍ପାଦନକୁ ଗ୍ରହଣ କରିବା ଲକ୍ଷ୍ୟ ନେଇ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଚାଲିଥିବା ପାଞ୍ଚଦିନିଆ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର ଉଦଯାପିତ ହୋଇଛି। ଉଦଯାପନୀ ଦିବସରେ ଓମ୍ବାଡ୍‌ସିର ଜୀବିକା ବିଶେଷଜ୍ଞ ସଲୋନୀ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଆପିକଲର ଜିଲ୍ଲା ସଂଯୋଜକ ତାପସ କୁମାର ପଟେଲ ପ୍ରଶିକ୍ଷାର୍ଥୀଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହ କୃଷି ଉଦ୍ୟୋଗୀ ହେବା ପାଇଁ ଉତ୍ସାହିତ କରିଥିଲେ। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କ ମୂଲ୍ୟାୟନ କରାଯାଇ ତାଲିମ ପୁସ୍ତିକା, ଜିଆ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଓଡ଼ିଶା ଖଣିଜ ଧାରକ କ୍ଷେତ୍ର ବିକାଶ ନିଗମ (ଓମ୍ବାଡସି)ଙ୍କ ଆର୍ଥିକ ପ୍ରୋତ୍ସାହନରେ ଗତ ୧୫ ତାରିଖରୁ ଆରମ୍ଭ ହୋଇଥିବା ଏହି ଶିବିରରେ ଜିଲ୍ଲା ଅଧିକାରୀ କମିଟିଙ୍କ ଦ୍ୱାରା ଚୟନ କରାଯାଇଥିବା ୨୦ ଜଣ ମହିଳା ଓ ପୁରୁଷଙ୍କୁ ଉଦ୍ୟୋଗୀ ସୃଷ୍ଟି କରିବା ଓ ରୋଜଗାରର ପନ୍ଥା ଭାବେ ଜିଆଖତ ଉତ୍ପାଦନ ଉପରେ ତାଲିମ୍ ଦିଆଯାଇଥିଲା। ପ୍ରଶୀକ୍ଷାର୍ଥୀମାନଙ୍କୁ ଜିଆ ଚାଷ ଓ ଜିଆଖତ ଉତ୍ପାଦନ ସମ୍ବନ୍ଧୀୟ ବିଭିନ୍ନ ଜ୍ଞାନକୌଶଳ ଯଥା ଜିଆଖତ ପାଇଁ ଉପଯୋଗୀ ଜିଆ, ଆବଶ୍ୟକ ଉପକରଣ, ପ୍ରସ୍ତୁତି ପ୍ରଣାଳୀ, ବିଭିନ୍ନ ଫସଲରେ ପ୍ରୟୋଗ ବିଧି, ଜିଆର ବଂଶବୃଦ୍ଧି, ବିକ୍ରିବଟା, ସରକାରୀ ଯୋଜନା ଓ ସୁବିଧା ସୁଯୋଗ ଆଦି ବିଷୟରେ ତାଲିମ ପ୍ରଦାନ କରାଯିବା ସହ ପ୍ରାକ୍ଟିକାଲ ମାଧ୍ୟମରେ ଜ୍ଞାନକୌଶଳ ପ୍ରଦର୍ଶନ କରାଯାଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା ମୁଖ୍ୟ ପ୍ରଶିକ୍ଷକ ଏବଂ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ବୈଜ୍ଞାନିକ ଡେଭିଡ୍ ଜେମସ୍ ବାଗେ, ଡ. ଦିବ୍ୟେନ୍ଦୁ ମଣ୍ଡଳ, ଆଶିଷ କୁମାର ମହାନ୍ତି, ଡ. ସଜୀବ ବିଶ୍ୱାସୀ, ରିଶିକେଶ ସାହୁ ପ୍ରଶିକ୍ଷିକ ଭାବେ ତାଲିମ ଦେଇଥିଲେ। କେନ୍ଦ୍ରର କାର୍ଯ୍ୟକ୍ରମ ସହାୟକ ଅରୁଣ କୁମାର ମିଶ୍ର, ବିଦ୍ୟାଧର ଟୁଡୁ, କ୍ଷେତ୍ର ପରିଚାଳକ ମୟୁଖ ଅଧିକାରୀ, ଷ୍ଟେନୋ କମଳ ଲୋଚନ ମହାନ୍ତ, କର୍ମଚାରୀ ଭ୍ରମରବର ସା, ଜିତେନ୍ଦ୍ର ସେଠୀ, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ। ପ୍ରଶିକ୍ଷାର୍ଥୀମାନେ ପ୍ରତ୍ୟକ୍ଷ ଜ୍ଞାନକୌଶଳ ଆହରଣ ପାଇଁ ଟାଙ୍ଗପାଲି ବ୍ଲକ ଦେବଭୂମି ଅର୍ଗାନିକ୍ସ ଜିଆଖତ ଉଦ୍ୟୋଗ, ଫୁଲଧୁଡ଼ି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀଭିତ୍ତିକ ଜିଆଖତ ଉତ୍ପାଦନ ଏବଂ ଉଜ୍ଜ୍ୱଳପୁର କେନ୍ଦ୍ରୀୟ ନର୍ସରୀ ପରିଭ୍ରମଣରେ ଯାଇଥିଲେ।



# ନିମ୍ନମାନର ରାସ୍ତା କାମକୁ ବିରୋଧ କରି ପଞ୍ଚାୟତ ଅଫିସ ଘେରଉ



**ଲାଞ୍ଜିଗଡ଼, ୧୯ ।୨ (ସମିସ):** ଲାଞ୍ଜିଗଡ଼ ସହରର ମହାଦେବ ପଡ଼ାଠାରେ ପଞ୍ଚାୟତ ପକ୍ଷରୁ ଚାଲିଥିବା କଂକ୍ରିଟ ରାସ୍ତା କାମ ନିମ୍ନମାନର ଅଭିଯୋଗ ପରେ ୫ ଦିନ ହେଲା କାମ ବନ୍ଦ ରହିଛି । ସୋମବାରପଡ଼ାବାସୀ ପଞ୍ଚାୟତ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ରାସ୍ତା କାମ ପଞ୍ଚାୟତ ଅଧୀନରେ ରହିଥିବା ବେଳେ ଏହି କାମକୁ କିଛି ଯୁବକଙ୍କୁ ଦେଖାରେଖା ପାଇଁ ଦାୟିତ୍ୱ ଦିଆ ଯାଇଛି । ୬୦ ମିଟର ରାସ୍ତା ପାଇଁ ପଞ୍ଚାୟତ ପକ୍ଷରୁ କାମ ଦିଆଯାଇଛି; କିନ୍ତୁ କୌଣସି ସୂଚନା ଫଳକ ନ ଥାଇ ଏହି ରାସ୍ତା କଂକ୍ରିଟ କାମ ଆରମ୍ଭ ହୋଇଛି । ରାସ୍ତା କାମରେ ଦାୟିତ୍ୱରେ ଥିବା ବିଭାଗୀୟ ଯନ୍ତ୍ରୀ ଅନୁପସ୍ଥିତ ରହୁଛନ୍ତି । ଯନ୍ତ୍ରୀ ନ ଆସିବା ପର୍ଯ୍ୟନ୍ତ କାମ ବନ୍ଦ ରହିବ ବୋଲି ଲୋକେ ପ୍ରକାଶ କରିଛନ୍ତି । ଦିଲୀପ ସୁନା, ମାଧବ ନାଏକ, ଚାରୁ ଚନ୍ଦ୍ର ନାଗ, କିଶୋର ନାଏକ, ସୁଦାମ ନାଏକ, ସୁରେଶ ତାଣ୍ଡି, ଗାୟତ୍ରୀ ବାଗ, ଗୋଲାପୀ ନାଏକ, ଶୁଣ୍ଡିଏନ ନାଏକ, ଜୟନ୍ତୀ କୁମାର, ପଦ୍ମିନୀ ନାଗ, ବୁଟକି ବାଗ, କମଳିନୀ ନାଏକ ପ୍ରମୁଖ ପଞ୍ଚାୟତ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ରାସ୍ତାକାମକୁ ନେଇ ଜନଆନ୍ଦୋଳନ

**ଜୟପାଟଣା, ୧୯ ।୨(ସମିସ)**

ମୋଟେର ମୁଖୀଗୁଡା ରାସ୍ତା ବାନେର ଛକ ନିକଟରେ ସୋମବାର ଲୋକେ ରାସ୍ତା କାମକୁ ନେଇ ରାସ୍ତା ଅବରୋଧ କରିଥିଲେ । ସକାଳ ୬ ଠାରୁ ଦିନ୧୨ ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇଥିଲା । ଏଣୁ ଦୁଇ ପଟରୁ ଅନେକ ଗାଡି ଅଟକି ଥିଲା । ୬ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଖବର ପାଇ ଆନ୍ଦୋଳନ ସ୍ଥଳରେ ଧର୍ମଗଡ଼ ଉପ ଜିଲ୍ଲାପାଳ, ଜୟପାଟଣା ତହସିଲଦାର, ବିଡ଼ିଓ ତଥା ପୂର୍ତ୍ତ ବିଭାଗ ଏସଡିଓ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ଉପ ଜିଲ୍ଲାପାଳ ଶୀଘ୍ର ରାସ୍ତା ନିର୍ମାଣର ପ୍ରତିଶ୍ରୁତି ଦେଲାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏହି ରାସ୍ତାର ମାମଲା କୋର୍ଟରେ ରହିଛି । ତଥାପି ଯଥା ସମ୍ଭବ ଏହାର ଶୁଣାଣି କରିବା ପାଇଁ ଚେଷ୍ଟା କରି ଯଥାଶୀଘ୍ର କାର୍ଯ୍ୟ ଆରମ୍ଭ ପାଇଁ ପଦକ୍ଷେପ ନିଆଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତି ।

ଠିକାଦାର ଠିକାଦାରଙ୍କ କଳିରେ ବଳି ପଡ଼ିଛି ବାନେରଠାରୁ ଲଡୁଗାଁ ଦେଇ କୋକସରା ଯାଇଥିବା ରାସ୍ତା । ଜୟପାଟଣା ବ୍ଲକ ବାନେରଠାରୁ କୋକସରା ବ୍ଲକ ଲଡୁ ଗାଁ ଭୟା ମୋଟର ପର୍ଯ୍ୟନ୍ତ ୩୧ କିମି ରାସ୍ତା ଦୀର୍ଘ ଦିନରୁ ଶୋଚନୀୟ ଅବସ୍ଥାରେ ପଡ଼ିରହିଥିଲା । ଏହି ରାସ୍ତା ଅଞ୍ଚଳର ଏକ ପ୍ରମୁଖ ରାସ୍ତାଥିବା ବେଳେ ଲୋକେ ବର୍ଷସାରା



ହନ୍ତସନ୍ତ ହେବା ସହ ଅନେକ ଦୁର୍ଘଟଣାର ମଧ ଶିକାର ହେଉଥିଲେ । ଏହି ରାସ୍ତା ନିର୍ମାଣ ପାଇଁ ଅନେକ ଥର ପ୍ରଶାସନିକ ଓ ଜନପ୍ରତିନିଧିଙ୍କ ପାଖରେ ଦାବି ପରେ ମୋଟ ରାସ୍ତାର ଉନ୍ନତିକରଣ ପାଇଁ ୨୦୨୩ରେ ଭୁବନେଶ୍ୱର ଚିଫ୍ ଇଞ୍ଜିନିୟର ଅଫିସରେ ଟେଣ୍ଡର ପ୍ରକ୍ରିୟା ହୋଇଥିଲା । ଦୁଇ ପର୍ଯ୍ୟାୟରେ ହୋଇଥିବା ଏହି ଟେଣ୍ଡରରେ ମୋଟରଠାରୁ ଲଡୁ ଗାଁ ୧୬ କିମି ପାଇଁ ୨୬ କୋଟି ଓ ବାନେରଠାରୁ ଲଡୁଗାଁ ୧୫ କିମି ପାଇଁ ୧୪ କୋଟି ଟଙ୍କା ଅଟକଳ ମୂଲ୍ୟ ରହିଥିଲା । ଟେଣ୍ଡର ପରେ ମୋଟେର ଲଡୁ ଗାଁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା; କିନ୍ତୁ ବାନେରଠାରୁ ଲଡୁଗାଁ ରାସ୍ତା ଅଦ୍ୟାବଧି କାର୍ଯ୍ୟ ଆରମ୍ଭ ହୋଇନାହିଁ । ଏହି ରାସ୍ତା ଗତ ୨୦୨୩ ଜାନୁୟାରୀ ୧୫ ତାରିଖରେ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ ମଧ ହୋଇଥିଲା । ସେହି ବର୍ଷ ଅଗଷ୍ଟ ୫ ତାରିଖରେ ମୋଟେରଠାରୁ ବାନେର ଭାୟା ଲଡୁଗାଁ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା; ହେଲେ ଆଜି ଯାଏଁ ଆରମ୍ଭ ହୋଇ ପାରିଲା ନାହିଁ । ଟେଣ୍ଡର ପ୍ରକ୍ରିୟାରେ ଠିକାଦାର ଠିକାଦାର କଳିରେ ଏହି ରାସ୍ତାକୁ ନେଇ ହାଇକୋର୍ଟରେ କେଶ୍ ହୋଇଥିବା ବେଳେ କାର୍ଯ୍ୟ ବନ୍ଦ ରହିଛି ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି । ପୂର୍ତ୍ତ ବିଭାଗର ଅଧୀନରେ ଥିବା ଏହି ରାସ୍ତା ଉପରେ ଜିଲ୍ଲାର କଲମପୁର, ଜୟପାଟଣା ଓ କୋକସରା ବ୍ଲକର ପାଖାପାଖି ୫୦ରୁ ଅଧିକ ଖଣ୍ଡ ଗାଁ ଲୋକେ ନିର୍ଭର କରୁଥିବା ବେଳେ କଲମପୁର ଏବଂ ଜୟପାଟଣା ଅଞ୍ଚଳବାସୀ ପଡୋଶୀ ଜିଲ୍ଲା ନବରଙ୍ଗପୁର ଜିଲ୍ଲା ଜିବା ପାଇଁ ଏହି ରସ୍ତା ଉପରେ ନିର୍ଭର କରିଥାନ୍ତି ।

ସୂଚନାଯୋଗ୍ୟ, ପୂର୍ବ ଟେଣ୍ଡରର ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ ଥିବା ବେଳେ ଏହାର ମରାମତି ପାଇଁ ୩୦ ଲକ୍ଷ ଟଙ୍କାରେ ଇଷ୍ଟିମେଣ୍ଟ ହୋଇ କାର୍ଯ୍ୟ ଆରମ୍ଭ ହୋଇଛି; କିନ୍ତୁ ଏହା ନିମ୍ନମାନର ହେଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି । ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବା ସହ ପୂର୍ବ ଟେଣ୍ଡର ମାମଲାକୁ ସମାଧାନ କରି କାର୍ଯ୍ୟ ଆରମ୍ଭ କରାଯାଉ ବୋଲି ଲୋକେ ଦାବି କରିଛନ୍ତି ।

# ବକଟପୁରରେ ମା' ହୀରାନୀଳାଙ୍କ ଝାମୁଯାତ୍ରା



**ଲାଞ୍ଜିଗଡ଼, ୧୯ ।୨(ସମିସ):** ଲାଞ୍ଜିଗଡ଼ ବ୍ଲକ ବକଟପୁର ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ହୀରାନୀଳାଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପରମ୍ପରା ଅନୁଯାୟୀ ପୂଜକମାନେ ମାଘମାସ ଦ୍ୱିତୀୟା ଦିନ ୭ଟି ନୂଆ ଚାଙ୍ଗୁଡ଼ିରେ ନଦୀରୁ ବାଲି ଆଣି ବିଭିନ୍ନ ପ୍ରକାର ଶସ୍ୟ ଧାନ, ମକା, ମୁଗ, ବିରି, କୋଳଥ ଇତ୍ୟାଦି ବିହନ ଗଜା ହେବା ପାଇଁ ଚାଗୁଡିରେ ଥିବା ବାଲିରେ ପକାଇଥାନ୍ତି ଓ ଝାମେରା କଣ୍ଟାରେ ଦୋଳି ତିଆରି କରିଥାନ୍ତି । ଗଜା ହୋଇଥିବା ବିହନ ଓ କଣ୍ଟା ଦୋଳିକୁ ନବମୀ ପର୍ଯ୍ୟନ୍ତ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ଏହିଦିନ ମା' ହୀରାନୀଳା କଞ୍ଚା ମାଠିଆରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି । ଦଶମୀ ଦିନ ମାଆଙ୍କ ଝାମୁଯାତ୍ରା ଅନୁଷ୍ଠିତ ହୋଇଥିଲା । ଗାଁରେ ଜଣେ ବ୍ୟକ୍ତିଙ୍କ ଦେହରେ ଦେବୀଙ୍କ ଆବିର୍ଭାବ ହେଇଥିଲା । ଏହାପରେ ଦେବୀଙ୍କ କାଳିସୀ ମୁଖ୍ୟ ପୀଠସ୍ଥଳ ହୀରାନୀଳା ପାହାଡକୁ ଶହ ଶହ ଶ୍ରଦ୍ଧାଳୁ ଯାଇ ନିଜ ମାନସିକ ଅନୁସାରେ ମା'ଙ୍କ ଆସ୍ଥାନରେ ଝଣ୍ଡା ବାନ୍ଧିଥିଲେ । ଏହା କଲେ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ କରନ୍ତି । ଏହା ପରେ ସେଠାରୁ ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ବାଲିଘରକୁ ଫେରି ଆସିଥିଲେ । ପ୍ରଥମେ ଗାଁ ଗୋନ୍ତିଆଙ୍କ ଘରକୁ ଯାଇ ପାଦ ପୂଜା ପରେ ସେଠାରୁ ଝାମୁଯାତ୍ରା ପଡ଼ିଆକୁ ଫେରି ଥିଲେ । ଫେରିବା ପରେ ପ୍ରଥମେ ମୁନିଆ ଝାମେରା କଣ୍ଟାରେ ତିଆରି ଦୋଳିରେ ବସି ଭକ୍ତମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ଏହାପରେ ଡହଡ଼ହ ତତଲା ନିଆଁରେ ଦେବୀଙ୍କ କାଳିସୀ ଚାଲିବା ସହ ନିଜ ଶକ୍ତିର ପରିଚୟ ଦେଇଥିଲେ । ଏହାପରେ ମାନସିକ କରିଥିବା ଭକ୍ତମାନେ ମାନସିକ ଅନୁଯାୟୀ ପୋଢ, ଛେଳି ଓ ବହୁ ସଂଖ୍ୟକ କୁକୁଡ଼ା, ପାରା ବଳି ଦିଆଯାଇଥିଲା । ଏଥିରେ ହୀରାନୀଳାଙ୍କ ମୁଖ୍ୟ ବାହୁକ ମନୁ ବେହେରା, ସର୍ବ ଗଣ୍ଡା, ଦେବାନନ୍ଦ ସାହୁ, ନକୁଳ ବେହେରା, ରାମମନ ବାରିକ, ଶକ୍ତି ସାଗର ବାରିକଙ୍କ ସମେତ ଯାତ୍ରାରେ ଗ୍ରାମବାସୀ ବିଭିନ୍ନ ଦାୟିତ୍ୱ ତୁଲାଇ ଥିଲେ ।

# ଜାତିଆଣ ଆକ୍ଷେପ ଘଟଣା: ସରପଞ୍ଚଙ୍କ ବହିଷ୍କାର ଓ ଗିରଫ ଦାବି

**ବଲାଙ୍ଗିର, ୧୯।୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତର ସରପଞ୍ଚ ଜଗବନ୍ଧୁ ମେହେର ଗ୍ରାମର ଦଳିତ ଲୋକମାନଙ୍କୁ ସର୍ବସମ୍ମୁଖରେ ଜାତିଆଣ ଆକ୍ଷେପ କରିବା ସହ ସେମାନଙ୍କୁ ଅଲଗା ବସି ଖାଇବାକୁ ଆଦେଶ ଦେବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି । ସୋମବାର ସନ୍ଧ୍ୟାରେ କରୁଆଁଝର ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ସାମ୍ବାଦିକ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ତାଙ୍କୁ ପଦରୁ ବହିଷ୍କାର କରିବା ସହ ଗିରଫ କରିବାକୁ ଦାବି କରାଯାଇଛି । ଗ୍ରାମବାସୀଙ୍କ କହିବାନୁସାରେ, ଗତ ୧୩ ତାରିଖ ବଡବନ୍ଧରେ ଏକ ସରକାରୀ କାର୍ଯ୍ୟକ୍ରମରେ କରୁଆଁଝର ଗ୍ରାମର ଦଳିତ ବସ୍ତିର ଲୋକଙ୍କ ପ୍ରତି ଅଶିଷ୍ଟ ଆଚରଣ ଦେଖାଇବା ସହ ଶ୍ରୀ ମେହେର ରାଗ ଜର୍ଜରିତ ହୋଇ ଅନ୍ୟତ୍ର ଖାଇବାକୁ ଆଦେଶ ଦେଇଥିଲେ । ଏପରିକି ଗାଁରୁ ବିତାଡିତ କରିବାକୁ ଧମକ ଦେଇଥିଲେ । ଏହି ଘଟଣାରେ ସରପଞ୍ଚଙ୍କ ବିରୋଧରେ ପୁଲିସ ମାମଲା ମଧ ରୁଜୁ କରିଥିବା ବେଳେ ଗ୍ରାମବାସୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅପରପକ୍ଷେ, ସରପଞ୍ଚ ଜଗବନ୍ଧୁ ମେହେର ଜଣେ କଂଗ୍ରେସ କର୍ମୀ ଓ କଂଗ୍ରେସ ଦଳର ଟାଣୁଆ ନେତାଙ୍କ ସମର୍ଥକ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ମଧ ହେଉଛି । ସେହି ନେତାଙ୍କ ଭୟରେ ଦେଓଗାଁ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତେବେ ଯଥାଶୀଘ୍ର ସରପଞ୍ଚଙ୍କୁ ଗିରଫ କରା ନଗଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନାତ୍ମକ



ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି । ଚୈତନ କୁମ୍ଭାର, କୁଞ୍ଜବିହାରୀ ସୁନା, ଖୁଲା ସୁନା, ପବିତ୍ର ସୁନା, ଜପ ନାଗ ପ୍ରମୁଖ ଉପସ୍ଥିତ ଥିଲେ । ଏ ସମ୍ପର୍କରେ ସରପଞ୍ଚ ଜଗବନ୍ଧୁ ମେହେର ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ମୁଁ ସେମାନଙ୍କୁ ଗାଳିଗୁଲଜ କରିଥିବାର କୌଣସି ପ୍ରମାଣ କାହା ପାଖରେ ନାହିଁ । ଏହା ମତେ ବଦନାମ କରିବାକୁ ବିରେଧୀଙ୍କ ଷଡ଼ଯନ୍ତ୍ର । ମୁଷ୍ଟିମେୟ ବିରୋଧୀଙ୍କ ପ୍ରରୋଚନାରେ ପଡ଼ି ସେମାନେ ତାଙ୍କୁ ଛନ୍ଦିବାକୁ ଅପଚେଷ୍ଟା କରୁଥିବା ଶ୍ରୀ ମେହେର କହିଛନ୍ତି ।

## ଟାଟୁ ଦୋକାନରେ ସର୍ଟସର୍କିଟ୍

**ଟିଟିଲାଗଡ଼, ୧୯।୨(ସମିସ):** ଟିଟିଲାଗଡ ରେଳ ଷ୍ଟେସନ ରାସ୍ତା କଲ୍ୟାଣ ମଣ୍ଡପ ନିକଟରେ ଥିବା ପ୍ରକାଶ ଟାଟୁ ଦୋକାନରେ ସନ୍ଧ୍ୟା ସମୟରେ ସର୍ଟସର୍କିଟ୍ ହେବାରୁ ଦୋକାନଟି ଜଳିଯାଇଛି ।




ଦୋକାନ ବନ୍ଦ ଥିବା ଅବସ୍ଥାରେ ସମସ୍ତ ଜିନିଷ ବିଦ୍ୟୁତ୍ ସର୍ଟ ସର୍କିଟ ହୋଇ ଜଳିଯାଇଛି । ନିଆଁ ଲାଗିବା ଖବର ପାଇ ଦୋକାନର ମାଲିକ କେଶବ ପ୍ରକାଶ ଭୋଇ ୧୧୨ ନମ୍ବରକୁ ଜଣାଇଥିଲେ । ଏହାମଧ୍ୟରେ ବିଦ୍ୟୁତ୍ ବିଭାଗ, ଅଗ୍ନିଶମ ଗାଡ଼ି ଆସି ନିଆଁକୁ ଲିଭାଇ ଦେଇଥିଲେ । ଖବର ପାଇ ନିଜେ ଥାନାଧିକାରୀ ଅବନି ସାହୁ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ । ତେବେ, ଦୋକାନଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ଜଣାପଡ଼ିଛି ।

# ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା

**ମୁରିବାହାଲ/ଟିଟିଲାଗଡ଼, ୧୯।୨(ସମିସ):** ମୁରିବାହାଲ ବ୍ଲକରେ ବିଜୁ ଜନତା ଦଳ ତରଫରୁ ସୋମବାର ଶଙ୍ଖ ଜନସମ୍ପର୍କ ଯାତ୍ରା ୨୧ତମ ଦିନରେ ପହଞ୍ଚିଛି । ସ୍ୱତନ୍ତ୍ର ଉନ୍ନୟନ



ପରିଷଦ ଉପାଧକ୍ଷା ନିରୁପମା ମାଝୀଙ୍କ ନେତୃତ୍ୱରେ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗୋଇମୁଣ୍ଡ ଓ ଗଁରେଇ ପଞ୍ଚାୟତର ବିଭିନ୍ନ ଗ୍ରାମ ଗୋଇମୁଣ୍ଡ, ଭୋଇପଡା, ଗୁରୁଣ୍ଡା, ଫଟାମୁଣ୍ଡା, ମାଲପଡା, ଗଁରେଇ, ଭଇଁରୀଗୁଭା ଗ୍ରାମରେ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡିକ ବିଷୟରେ ଆଲୋଚନା କରାଯାଇଥିଲା । ବଲାଙ୍ଗିର ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ପିଙ୍କି ଖର୍ଶେଲ, ବରିଷ୍ଠ ବିଜେଡି ନେତା ଦିଲୀପ ପୃଷ୍ଟି, କଶ୍ୟପ ସରାଫ, ଦିଲୀପ ସାହୁ, ଦୀନବନ୍ଧୁ ଟାକ୍ରୀ, ରତନ ଭୋଇ, ବାଲ୍ମିକୀ ଭୋଇ, ଜୟ ସିଂ ବାଗ, ଅମର ସାହୁ, ବଳିୟାର ମାଝୀ, ଉପେନ୍ଦ୍ର ଜାନି, ଦୈତାରୀ ଭୋଇ, ବରିଷ୍ଠ ବିଜେଡି ନେତା ଶ୍ରୀଧର ମାଝୀ, ଯୋଶବନ୍ତ ମାଝୀ ଉପସ୍ଥିତ ଥିଲେ ।

ଟିଟିଲାଗଡ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୌରାଞ୍ଚଳର ୧୦ ନମ୍ବର ୱାର୍ଡରୁ ବିଜେଡି କର୍ମୀ ପ୍ରତ୍ୟେକ ଘରକୁ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକ୍ରମକୁ ବୁଝାଇବା ସହ ତା'ର ସଫଳ ରୂପାୟନ ବିଷୟରେ ଚର୍ଚ୍ଚା କରିଥିଲେ । ଘର ଘର ଯାଇ ଲୋକଙ୍କ ସହ ସମ୍ପର୍କ ବଢ଼ାଇବା ସହ ସୁବିଧା ଅସୁବିଧା ବୁଝିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ବିଜେଡି ପର୍ଯ୍ୟବେକ୍ଷକ ସ୍ନେହାଞ୍ଜଳି ମହାନ୍ତି, ବିଧାୟକ ପ୍ରତିନିଧି ଅରୁଣ ମିଶ୍ର, ୱାର୍ଡସଭ୍ୟ ସଞ୍ଜୁ ଗୋଏଲ, ଅଞ୍ଜନା ବର୍ମା, ଉମାଦେବୀ ଅଗ୍ରୱାଲ, ସନ୍ତୋଷିନି ସୁନାଣି, ସାବିତ୍ରୀ ବାରିକ, ରଶ୍ମିତା ପ୍ରଧାନ, ରାଜେଶ ପ୍ରଧାନ, ବୁଲୁ ଆଚାର୍ଯ୍ୟ, ଜଗଦୀଶ ମୋହଲିଙ୍ଗ, କୁମୁଦ ଭାଇଁସଲ, ଗୋପଲୁ ବେହେରା, ବୈକୁଣ୍ଠ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

# ଚଳନ୍ତା ଟ୍ରେନ୍‌ରେ ହଣାକଟା

**ବଲାଙ୍ଗିର, ୧୯।୨(ସମିସ):** ବଲାଙ୍ଗିର-ଲୋଇସିଂହା ରେଳଷ୍ଟେସନ ମଝିରେ ଟ୍ରେନ ଭିତରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି । ଗୁରୁତର ଯୁବକ ଜଣକ ଲୋଇସିଂହା ଥାନା ଦୁମଦୁମି ଗ୍ରାମର ଦୁର୍ଯ୍ୟ ମେହେରଙ୍କୁ ଲୋଇସିଂହାରେ ପ୍ରାଥମିକ ଚିକିତ୍ସା କରାଯିବା ପରେ

## ଯୁବତୀଙ୍କୁ ବଞ୍ଚାଇବାକୁ ଯାଇ ଯୁବକ ଗୁରୁତର

## ରହସ୍ୟରେ ଆକ୍ରମଣକାରୀ ଓ ଯୁବତୀଙ୍କ ପରିଚୟ

ଭୀମଭୋଇ ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି । ଜଣେ ଯୁବତୀଙ୍କୁ କିଛି ଦୁର୍ବୃତ୍ତଙ୍କଠାରୁ ରକ୍ଷା କରିବାକୁ ଯାଇ ସେ ଆକ୍ରମଣର ଶିକାର ହୋଇଥିଲେ ।

ସୂଚନା ଅନୁସାରେ, ଦୁର୍ଯ୍ୟ ଓ ତାଙ୍କର ଜଣେ ସମ୍ପର୍କୀୟ ସୋମବାର ମେଡିକାଲ କାମରେ ବଲାଙ୍ଗିର ଆସିଥିଲେ । ସନ୍ଧ୍ୟାରେ ସୁଦପଡ଼ା ରେଳଷ୍ଟେସନଠାରୁ ଜୁନାଗଡ଼-ସମ୍ବଲପୁର ପାସେଞ୍ଜର ଲୋଇସିଂହା ଯିବା ପାଇଁ ଚଢିଥଲେ । ତାଙ୍କ ପାଖରେ ବସିଥିବା ଜଣେ ଯୁବତୀଙ୍କୁ ୭-୮ ଜଣ ଆକ୍ରମଣ କରି ଟ୍ରେନରୁ ଠେଲି ଦେବାକୁ ଚେଷ୍ଟା କରୁଥିଲେ ।



ଦୁର୍ଯ୍ୟ ଏହା ଦେଖି ସେମାନଙ୍କୁ ଅଟକାଇବାରୁ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଥିଲେ । ଦୁର୍ଯ୍ୟଙ୍କ ମୁଣ୍ଡ ଓ ଗୋଡରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି । ପ୍ରଥମ ଆକ୍ରୋଶର ଶିକାର ହୋଇଥିବା ଯୁବତୀ ଜଣକ ଭବାନୀପାଟଣାର ବୋଲି କୁହାଯାଉଥିବାବେଳେ ଲୋଇସିଂହା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କୁଆଡେ ଫେରାର ମାରିଥିବା ଜଣାପଡ଼ିଛି । ଏହାସହ ଲୋଇସିଂହା ଷ୍ଟେସନରୁ ଆକ୍ରମଣକାରୀମାନେ ମଧ କେଉଁଆଡେ ଫେରାର ମାରିଛନ୍ତି ।

## ଧର୍ମପରାୟଣା ସପୁର ପଟ୍ଟନାୟକଙ୍କ ପରଲୋକ

**କୋକସରା, ୧୯ ।୨(ସମିସ) :** କୋକସରା ବ୍ଲକ ଝରିଆଗୁଡା ଗ୍ରାମର ଧର୍ମପରାୟଣା ମହିଳା ସପୁର



ପଟ୍ଟନାୟକଙ୍କ ସୋମବାର ସକାଳେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା । ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ଝରିଆଗୁଡା ଗାଁରେ ଶୋକର ଛାୟା ଖେଳିଯାଇଛି । ଗାଁ ଶ୍ମଶାନରେ ଶୋକାକୁଳ ପରିବେଶରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

# ଅରୁନ୍ଧତୀ ଜ୍ୱେଲର୍ସର ଫେଷ୍ଟିଭ୍ ଧମାଲ ଲକ୍ଷପତି ଲକି ଡ୍ର ବିଜେତା ଘୋଷିତ

**ଭବାନୀପାଟଣା, ୧୯ ।୨ (ସମିସ)**

ରାଜ୍ୟର ସର୍ବ ବୃହତ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜ୍ୱେଲର୍ସ ତରଫରୁ ବିଗତ ୨୪ ବର୍ଷ ଧରି ପାଳନ ହୋଇ ଆସୁଥିବା ଫେଷ୍ଟିଭ୍ ଧମାଲ୍ ମହୋତ୍ସବରେ




ବିଗତ ବର୍ଷର ସମସ୍ତ ଲକ୍ଷପତି ବିଜେତା ଘୋଷିତ ହୋଇଛନ୍ତି । ଏହି ଲକ୍ଷପତି ବିଜେତାରେ ମାରୁତି ଡିଜାୟାର ଭି.ଏକ୍ସ.ଆଇ, ହିରୋ ଗ୍ଲାମର ମୋଟର ସାଇକେଲ, ହିରୋ ଜୁମ୍ ସ୍କୁଟି ଜିତିବା ସହିତ ଓ ୩ ଜଣ ଲକ୍ଷପତି ହୋଇଥିଲେ । ପ୍ରଥମ ଲକ୍ଷପତି ବିଘ୍ନରାଜ ବିଶ୍ୱାଳ, ଦ୍ୱିତୀୟ ଲକ୍ଷପତି ମନୋଜ କୁମାର ନାଏକ, ତୃତୀୟ ଲକ୍ଷପତି କମଳିନୀ ପାଣି, ସ୍କୁଟି ପୁରସ୍କାର- ଫରଚୁନ ନାଏକ, ଗ୍ଲେମର ବିଜେତା ମୋହିତ କୁମାର ଗୁପ୍ତା, କାର ବିଜେତା କଣ୍ଟାବାଞ୍ଜିର ପ୍ରିୟଙ୍କା ମେହେର ପ୍ରମୁଖ ପୁରସ୍କୃତ ହୋଇଥିଲେ । ଏଥିରେ ଓଲିଉଡ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ଅରୁନ୍ଧତୀର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର, ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମେହେର, ଗ୍ରୁପର ମୁଖ୍ୟ ନିହାର ରଞ୍ଜନ ନନ୍ଦ, ଜୋନାଲ ପରିଚାଳକ ନିରଞ୍ଜନ ବେହେରା, ଭବାନୀପାଟଣା ଷ୍ଟୋର ପରିଚାଳକ ଅନାଦି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଭବାନୀପାଟଣା ଲାଲ ବାହାଦୂର୍ ଷ୍ଟାଡିୟମ୍‌ଠାରେ

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦର୍ଶକଙ୍କ ମନ ମୋହିଲେ ଅଭିନେତ୍ରୀ ଅର୍ଚ୍ଚିତା

## ଲୋକଙ୍କ ଅଜସ୍ର ଭଲପାଇବା ଆଗକୁ ଯିବାକୁ ପ୍ରେରଣା ଦେଉଛି

ଚିତ୍ତାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମରେ ଓଲିଉଡ୍ ଅଭିନେତ୍ରୀ ତଥା ଅରୁନ୍ଧତୀ ଜ୍ୱେଲର୍ସର ବ୍ରାଣ୍ଡ ଆମ୍ବାସେଡର ଅର୍ଚ୍ଚିତାଙ୍କ ମଞ୍ଚରେ ଉପସ୍ଥିତି, କୋଲକତାର ପ୍ରସିଦ୍ଧ ମୁନଷ୍ଟାର ଡ୍ୟାନ୍ସ ଗ୍ରୁପ୍ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ଅଭିନୟ, ଗୀତିକାର ନାଭ୍ୟାଙ୍କ ସୁମଧୁର ସ୍ୱର ଉପସ୍ଥିତ ୫୦୦୦ରୁ ଅଧିକ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଶୋଭନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି ଯେ, ଏହି ଅଫରରେ ପାଖାପାଖି ଲକ୍ଷାଧିକ ଗ୍ରାହକ ଯୋଡି ହୋଇଥିଲେ । ଏତେ ସଂଖ୍ୟକ ଗ୍ରାହକ ବନ୍ଧୁଙ୍କ ଆମ ଉପରେ ଥିବା ପ୍ରଗାଢ ବିଶ୍ୱାସ ଓ ଭଲପାଇବା ଆମକୁ ଆଗାମୀ ଦିନରେ ପ୍ରେରଣା ଓ ଉତ୍ସାହ ପ୍ରଦାନ କରିବା ସହ ଆମେ ଗ୍ରାହକବନ୍ଧୁଙ୍କ ପାଇଁ ସେହି ଶୁଦ୍ଧତା ଓ କାରୁକାର୍ଯ୍ୟ ଭରା ସୁନାଗହଣା, ସ୍ୱଚ୍ଛତା ଓ ପାରଦର୍ଶିତା ଭରା ପ୍ରତ୍ୟେକ ବ୍ୟବସାୟିକ ପଦକ୍ଷେପ, ନମ୍ରତା ଓ ଆତ୍ମୀୟତା ଭରା ଗ୍ରାହକ ସେବା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ । ଭବାନୀପାଟଣାବାସୀଙ୍କ ଅରୁନ୍ଧତୀ ବ୍ରାଣ୍ଡ ପ୍ରତି ଭଲପାଇବା ଓ ପ୍ରଗାଢ ବିଶ୍ୱାସ ରଖି ନିଜର ପ୍ରଥମ ପସନ୍ଦ ବ୍ରାଣ୍ଡ ଭାବରେ ପ୍ରତିଷ୍ଠିତ କରିଥିବାରୁ ସମସ୍ତ ଭବାନୀପାଟଣା ବାସୀଙ୍କୁ ହୃଦୟରୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଭେଜିପଦରରେ ପୁଲିସର ଜନସମ୍ପର୍କ ଶିବିର

**ଲାଞ୍ଜିଗଡ଼, ୧୯ ।୨(ସମିସ):** ବିଶ୍ୱନାଥପୁର ଥାନା ପୋଖରୀବନ୍ଧ ଗ୍ରାମ ପଞ୍ଚାୟତର ଭେଜିପଦରରେ ପୁଲିସ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିଲାଷ ଜିଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ଏହି ପୁଲିସ ଜନସମ୍ପର୍କ ଶିବିରରେ ଭେଜିପଦର ସମେତ କେଶପଦର, ବେଡ଼ାଲଖମନ ତଥା ଗ୍ରାମ ପଞ୍ଚାୟତ ଅଞ୍ଚଳରୁ ବହୁ ଲୋକ ଯୋଗ ଦେଇଥିଲେ । ବିଶ୍ୱନାଥପୁର ଥାନା ଅଧିକାରୀ ମମତା ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଅତିଥି ଭାବରେ ରାଜସ୍ୱ ନିରୀକ୍ଷକ ସୁରେଶ ବଲିଆରସିଂ, ଏସ୍ଆଇ ତୀର୍ଥ ମାଝୀ, ସନ୍ତୋଷ ଡୁଳ, ନିଲେଶ ନାଗ, ଗୋପାଳ ଦାସ ମହାନନ୍ଦ, ଶିକ୍ଷକ ପ୍ରଦୀପ ପୃଷ୍ଟି ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ । ସ୍ଥାନୀୟ ଲୋକଙ୍କୁ ଉତ୍ସାହିତ କରାବା ନେଇ ଏହି ଅବସରରେ ପୁଲିସ ଓ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ମନୋରଞ୍ଜନ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଭଲିବଲ୍ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ଛାତ୍ରଛାତ୍ରୀଙ୍କୁ ଖାତା, କଲମ, ସ୍କୁଲ ବ୍ୟାଗ୍, ପାଣି ବୋତଲ, ଯୁବକମାନଙ୍କୁ ବସ୍ତ୍ର, ବୃଦ୍ଧବୃଦ୍ଧାଙ୍କୁ କମଳ ବଣ୍ଟନ କରାଯାଇଥିଲା । ହାବିଲଦାର ଜତିନ ପ୍ରଧାନ, ତ୍ରିବିକ୍ରମ ବିଶ୍ୱାଳ, କୁମାର ଦ୍ରୋଣ, ସୁବ୍ରତ, ତୀର୍ଥ, କାହ୍ନା ଉପସ୍ଥିତ ରହି ପରିଚାଳନା କରିଥିଲେ ।



